## ସଂକ୍ଷେପରେ

### ଜୁଲାଇ ପହିଲାରୁ ଜନଶୁଣାଣି ଶିବିର

**କେନ୍ଦ୍ରାପଡା ଅଫିସ, ୨୭।୬:** ଗ୍ରୀଷ୍ମ ପ୍ରବାହ ଓ ନିର୍ବାଚନ ପରିପ୍ରେକ୍ଷୀରେ ଜିଲା ପ୍ରଶାସନର ଜନଶୁଣାଣି ଶିବିର ବନ୍ଦ ରହିଥିଲା। ଆସନ୍ତା ଜୁଲାଇ ପହିଲାରୁ ଏହି ଶିବିର ପୁର୍ନବାର ଚାଲୁ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଆସନ୍ତା ୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହେବ। ସେହିପରି ୮ରେ ଆଳି ବ୍ଲକ କାର୍ଯ୍ୟାଳୟ, ୧୫ରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ, ୨୨ରେ ରାଜନଗର ବ୍ଲକ କାର୍ଯ୍ୟାଳୟ ଓ ୨୯ ତାରିଖରେ ଗରଦପୁର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିବେ ବୋଲି ସୂଚନା ଦିଆଯାଇଛି।

### ଅଗଷ୍ଟ ୧୮ରେ ସୈନିକ ନିଯୁକ୍ତି ରାଲି

**କେନ୍ଦ୍ରାପଡା ଅଫିସ, ୨୭।୬:** କଟକସ୍ଥ କେନ୍ଦ୍ରାଞ୍ଚଳ ସୈନ୍ୟବାହିନୀ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଅଗଷ୍ଟ ୧୮ରୁ ୨୭ ତାରିଖ ପର୍ଯ୍ୟନ୍ତ ନିଯୁକ୍ତି ରାଲି ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲାର ୧୯୯୮ ଅକ୍ଟୋବରଠାରୁ ୨୦୦୨ ମାର୍ଚ୍ଚ ମଧ୍ୟରେ ଜନ୍ମିତ ଆଶାୟୀ ପ୍ରାର୍ଥୀମାନେ ଭାଗ ନେଇ ପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସୈନ୍ୟବାହିନୀର ଟେକ୍ନିକାଲ, ଆଭିଏସନ, ଆମ୍ୟୁନେଶନ, ନର୍ସିଂ ଆସିଷ୍ଟାଣ୍ଟ, କ୍ଲର୍କ, ଟ୍ରେଡସମ୍ୟାନ ଆଦି ବିଭାଗର ନିଯୁକ୍ତି ହେବ। ଏଥିପାଇଁ ଜୁନ ୧୯ଠାରୁ ଅଗଷ୍ଟ ୨ ତାରିଖ ମଧ୍ୟରେ ଜଏନ୍ ଇଣ୍ଡିଆନ ଆର୍ମି ଡଟ ଏନ୍‌ଆଇସି ଡଟ ଇନ୍‌ରେ ଲଗ୍ ଅନ କରି ନିଜର ଦରଖାସ୍ତ ପଞ୍ଜିକରଣ କରିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

### ରୋଟାରିଆନ ସଞ୍ଜୀବ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୨୭।୬:** ସହରର ପ୍ରେସ୍ କ୍ଲବ ପରିସରରେ ଆଇନଜୀବୀ ତଥା ରୋଟାରିଆନ୍ ସଞ୍ଜୀବ ଚୌଧୁରୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ, ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ସିଂ, ସଞ୍ଜୟ କୁମାର ଜେନା, ରମଣୀରଞ୍ଜନ ରାଉତରାୟ, ଶିକ୍ଷାବିତ୍ ଅଜୟ ସାମଲ, ଶୁଭ୍ରାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚୌଧୁରୀଙ୍କ ଆମାୟିକ ବ୍ୟବହାର, ସମାଜସେବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ହେମନ୍ତ କୁମାର ଜେନା, କରୁଣାକର ଦାସ, ଗୋକୁଳି ରଞ୍ଜନ ଦାସ, ମନୋଜ ସାହୁ, ଆଶିଷ ସେନାପତି, ମହମ୍ମଦ ନଇମ, ମାନସ ଧଳ, ନିରଞ୍ଜନ ବଳ ପ୍ରମୁଖ ସ୍ୱର୍ଗତ ଚୌଧୁରୀଙ୍କ ସ୍ମୃତିଚାରଣ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଜିଲାରେ ବଢୁଛି କୃଷି ଓ କୃଷକଙ୍କ ସମସ୍ୟା

# କାଗଜପତ୍ରରେ ଉନ୍ନତି ଦର୍ଶାଉଛି କୃଷି ବିଭାଗ

■ ଜିଲାରେ ନାହିଁ ଶୀତଳଭଣ୍ଡାର, ଚାଷୀ ହତାଶ
■ ତୃଣମୂଳସ୍ତରରେ ପହଞ୍ଚୁନି ସରକାରୀ ଯୋଜନାର ସୁଫଳ
■ ୭୯ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ
■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଚାଷକାର୍ଯ୍ୟରେ ବାଧା

**କେନ୍ଦ୍ରାପଡା ଅଫିସ, ୨୭।୬**

କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୭୯ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି ଭିତ୍ତିକ ଏହି ଜିଲାରେ ଚାଷୀ ଓ ଚାଷ କାର୍ଯ୍ୟକୁ ନେଇ ଅନେକ ସମସ୍ୟା ରହିଛି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଆଣୁଥିଲେ ବି ତୃଣମୂଳସ୍ତରରେ ଚାଷୀମାନେ ଏହାର ସୁଫଳ ପାଇପାରୁ ନାହାନ୍ତି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ୩ ଲକ୍ଷ ୧୨ ହଜାର ଚାଷୀ ପରିବାର ଅଛନ୍ତି। ଜିଲାର ୧ ଲକ୍ଷ ୫୨ ହଜାର ହେକ୍ଟରରେ ଧାନଚାଷ କରାଯାଉଥିବା ବେଳେ ୨୬ ହଜାର ହେକ୍ଟରରେ ପନିପରିବା ଚାଷ କରାଯାଉଛି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ପ୍ରୋତ୍ସାହନ ଅଭାବରୁ ଅର୍ଥକରି ଫସଲ ଚାଷ କରାଯାଇ ପାରୁ ନଥିବା ବେଳେ ଜିଲାରେ ଶୀତଳଭଣ୍ଡାର ଅଭାବରୁ ଏହାର ସଂରକ୍ଷଣ ହୋଇପାରୁନାହିଁ। ଜିଲାରେ ଚାଷ ଓ ଚାଷୀଙ୍କ ସମସ୍ୟା ଉତ୍କଟ ଥିବା ବେଳେ ଜିଲା ଚାଷ କ୍ଷେତ୍ରରେ ଉନ୍ନତି କରୁଛି ବୋଲି ଦର୍ଶାଯାଉଛି। ଜିଲା କୃଷି ବିଭାଗ, ଉଦ୍ୟାନ କୃଷି, ଜଳସମ୍ପଦ ବିଭାଗ, ଉଠାଜଳସେଚନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ଜିଲାକୁ କୃଷି କ୍ଷେତ୍ରରେ ଉନ୍ନତ ଦର୍ଶାଉଛନ୍ତି। ତେବେ ଏହା କେବଳ କାଗଜପତ୍ରରେ ଦର୍ଶାଯାଉଥିବା ବେଳେ ପ୍ରକୃତରେ ଚାଷୀଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଶିଳ୍ପବିହୀନ ଏହି ଜିଲାରେ କୃଷି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନଗଲେ ଦାଦନ ସମସ୍ୟାକୁ ରୋକି ହେବ ନାହିଁ ବୋଲି ବହୁ ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, ଜିଲାର ୭୯ ଭାଗ ଲୋକ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଜିଲାରେ ଗୋଟିଏ ହେଲେ ଶୀତଳଭଣ୍ଡାର ନାହିଁ। ଫଳରେ ପନିପରିବା ସଂରକ୍ଷିତ ହୋଇ ରଖାଯାଇ ପାରୁ ନଥିବାରୁ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ଶୀତଳଭଣ୍ଡାର ଖୋଲିବା ନିମନ୍ତେ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ବି ଏହାକୁ ଅଣଦେଖା କରାଯାଉଛି। ଉପଯୁକ୍ତ ମୂଲ୍ୟ ମିଳୁ ନଥିବାରୁ ଅନେକେ ଚାଷ କାର୍ଯ୍ୟ ଛାଡୁଥିବା ବେଳେ କେତେଜଣ ଋଣ କରି ଚାଷ କରିବା ପରେ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି ବୋଲି କୃଷକ ନେତା ଧଳ କହିଛନ୍ତି। ସେହିପରି କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ଖରିଫ ଧାନଚାଷ ପାଇଁ ଆବଶ୍ୟକ ବିହନ ଅଦ୍ୟାବଧି ଜିଲାକୁ ଆସିନାହିଁ। ରାସାୟନିକ ସାର, ଔଷଧ ସମ୍ପର୍କରେ ଜିଲା କୃଷି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇନାହିଁ। କେନାଲର ମରାମତି ସରି ନଥିବାରୁ ଚାଷ କ୍ଷେତକୁ ଜଳପରିଚାଳନା ହୋଇପାରୁନି। ଉଦ୍ୟାନ କୃଷି ବିଭାଗରେ ପନିପରିବା ଚାଷ ପାଇଁ ବିହନ ଓ ତାଲିମ ପାଇଁ ଅର୍ଥ ଆସୁଥିବା ବେଳେ ଚାଷୀ ଏହାର ସୁଫଳ ପାଉନାହାନ୍ତି। ସବୁ ନାହିଁ ନାହିଁ ଭିତରେ ଚାଷୀ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଚାଷ କରୁଛି ବୋଲି ମହାପାତ୍ର କହିଛନ୍ତି।

ସେହିପରି କୃଷକ ନେତା ରମଣୀରଞ୍ଜନ ରାଉତରାୟ କୁହନ୍ତି, ଗତ ନିର୍ବାଚନରେ ସବୁ ରାଜନୈତିକ ଦଳ କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେଇଥିଲେ। ଭାଜପା ଓ ବିଜେଡି ଚାଷୀଙ୍କ ନିକଟକୁ ସିଧାସଳଖ ଅର୍ଥ ପଠାଇବା ପ୍ରତିଶ୍ରୁତି ଦେଇଥିବା ବେଳେ କଂଗ୍ରେସ ଚାଷୀଙ୍କ ଋଣ ଛାଡ ଯୋଜନାକୁ ପାଥେୟ କରି ଭୋଟ ମାଗିଥିଲେ। କିନ୍ତୁ କୃଷି ଭିତ୍ତିଭୂମିକୁ ଉନ୍ନତ କରାଯାଇ ପାରିଲେ ହିଁ ଚାଷୀମାନେ ଉପକୃତ ହେବେ। ଜିଲାରେ ୭ ନଦୀ ଓ ୨୭ ଉପନଦୀ ପ୍ରବାହିତ ହେଉଛି। ଏହା ନିକଟରେ ପନିପରିବା ଓ ହରଡ, ଆଖୁ ପରି ଅର୍ଥକରୀ ଚାଷ କରାଗଲେ ଚାଷୀମାନେ ବେଶ ଲାଭବାନ ହୋଇପାରନ୍ତେ। ତେବେ ଜିଲାରେ ଶୀତଳ ଭଣ୍ଡାର ନିର୍ମାଣ ନ କରାଯିବା ପର୍ଯ୍ୟନ୍ତ କୃଷି ସମସ୍ୟା ସୁଧୁରିବନି। ଯୁବ ଉଦ୍ୟୋଗୀ ମିଳନ କୁମାର ଧଳ କୁହନ୍ତି, ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଜିଲା ଶିଳ୍ପ ଉଦ୍ୟୋଗ, ରାଜନେତା, ଜିଲା ପ୍ରଶାସକଙ୍କ ନିକଟରେ ବାରମ୍ବାର ପହଞ୍ଚିଛି। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଋଣ ଦେଉନାହାନ୍ତି। ଜିଲାପାଳ ସମର୍ଥ ବର୍ମାଙ୍କୁ ଏ ସମ୍ପର୍କରେ ପଚାରିବାରେ, ଜିଲାର କୃଷି ଓ କୃଷକଙ୍କ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଉଛି। ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ପୋଡ଼ିଗଲା ଟ୍ରାନ୍ସଫର୍ମର ଅନ୍ଧାରରେ ୯୦ ପରିବାର

**ପାଟକୁରା, ୨୭।୬ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମରେ ବସିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଦୁଇ ଦିନ ହେବ ପୋଡ଼ିଯାଇଛି। ଫଳରେ ସ୍ଥାନୀୟ ଲୋକେ ଦୁଇ ଦିନ ହେବ ଅନ୍ଧକାରରେ ଦିନ କାଟୁଛନ୍ତି। ବେଡାରୀ ଗ୍ରାମର ମହୁରିଆ ଦଣ୍ଡାରେ ବସିଥିବା ଟ୍ରାନ୍ସଫର୍ମର ପୋଡିଯିବା ଫଳରେ ଗ୍ରାମର ୯୦ ପରିବାର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।ଗତ ଚାରି ଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ହେଉଥିବାରୁ ଦିନବେଳା ଲୋକମାନେ ହନ୍ତସନ୍ତ ହେବା ସହ ରାତିରେ ପିଲାମାନେ ପାଠ ପଢ଼ିବାରେ ଅସୁବିଧା ହେଉଛି। ନୂଆପଡାଠାରେ ଥିବା ସେସୁ କାର୍ଯ୍ୟାଳୟ ଅଧୀନରେ ଏହି ଅଞ୍ଚଳ ଆସୁଥିବାରୁ ତରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଅଜୟ ବାରିକ, ନରେଶ ଚନ୍ଦ୍ର ପୃଷ୍ଟି, ସତ୍ୟାନନ୍ଦ ବାରିକ, ଶରତ ମିଶ୍ର, ଦିଲ୍ଲୀପ କୁମାର ବାରିକ, ପ୍ରଫୁଲ୍ଲଚନ୍ଦ୍ର ଦାସ, ଦେବେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ଦାସ ଓ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

ରାଜଧାନୀରୁ କାର ଲୁଟ୍ ର୍‍ୟାକେଟର ପର୍ଦ୍ଦାଫାଶ

# ୩ କାର, ବିପୁଳ ଅଳଙ୍କାର ଜବତ : ୪ ଗିରଫ

■ ଲୁଟ୍ ଗାଡ଼ିରେ ଘଟାଉଥିଲେ ଅପରାଧ
■ ନମ୍ବର ବଦଳାଇ କମ୍ ଦାମ୍‌ରେ ବିକୁଥିଲେ
■ ଖେଳଣା ବନ୍ଧୁକ, ଛୁରି ଜବତ

**ଭୁବନେଶ୍ୱର/ପାତ୍ରପଡା, ୨୭।୬ (ବ୍ୟୁରୋ/ଡି.ଏନ୍.ଏ.)**

ଗତ କିଛି ମାସ ହେବ ରାଜଧାନୀରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଛି। ବିଶେଷକରି ବାରମ୍ବାର କାର୍ ଲୁଟ୍ ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ଲୁଟ୍ କାରକୁ ବ୍ୟବହାର କରି ଲୁଟ୍ ଓ ଅନ୍ୟ ଅପରାଧ କରାଯାଉଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଠାବ କରିବାକୁ କମିଶନରେଟ ପୋଲିସ ତତ୍ପର ହୋଇଉଠିଛି। ଖଣ୍ଡଗିରି ଥାନା ପୋଲିସ ଏକ କାର୍ ଲୁଟ୍ ର୍‍ୟାକେଟର ପର୍ଦ୍ଦାଫାସ କରିଛି। ଏକ ଲୁଟେରା ଗ୍ୟାଙ୍ଗ୍ ଠାବ କରିବା ସହ ସମ୍ପୃକ୍ତ ୪ଜଣଙ୍କୁ ଖଣ୍ଡଗିରି ଓ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ଲୁଟ୍ କାର, ୪ଟି ସୁନା ଚେନ, ୩ହଳ ସୁନା ଚୂଡ଼ି, ଦୁଇ ହଳ କାନଫୁଲ ସହ ଗୋଟିଏ ଖେଳନା ବନ୍ଧୁକ ଓ ଏକ ଛୁରୀକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲା ବୋଡିପାଲି ଗ୍ରାମର କୃଷ୍ଣଚନ୍ଦ୍ର ଦାଶ ଓରଫ କ୍ରିଷ୍ଣା, କେନ୍ଦ୍ରାପଡା ଜିଲା ଆଳି ଅଞ୍ଚଳର ଅମରଜିତ ପ୍ରଧାନ ଓରଫ ରକି(୨୪), ରାଜକନିକା ଅଞ୍ଚଳର ମହେଶ୍ୱର ଦଳାଇ(୨୮) ଓ ବୌଦ୍ଧ ଜିଲା ତଳିପଡା ଅଞ୍ଚଳର ପ୍ରଭାତ ସାହୁ(୧୯)। ଏନେଇ ଖଣ୍ଡଗିରି ପୋଲିସ କେସ୍ ନଂ.୩୩୦/୧୯ରେ ଦଫା ୩୯୪ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ଜାତୀୟ ରାଜପଥ କଡ଼ରେ ଟ୍ରକ ପାର୍କିଂ

**ବଢୁଛି ଦୁର୍ଘଟଣା**

**ଡେରାବିଶ, ୨୭।୬ (ସ୍ୱ.ପ୍ର.)**


୫ ନଂ. (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ-ଦୁହୁରିଆ ରାସ୍ତା କଡ଼ରେ ରହିଥିବା ଟ୍ରକ।

ଦୀର୍ଘ ବର୍ଷର ପରେ କେନ୍ଦୁଝର ଜିଲାରୁ ପୁଣି ଜଗତ୍‌ସିଂହପୁର ଜିଲାର ପାରାଦ୍ୱୀପ ଶିଳ୍ପାଞ୍ଚଳକୁ ଲୁହାପଥର କାରବାର ଆରମ୍ଭ ହୋଇଛି। କେନ୍ଦୁଝରରୁ ଆସୁଥିବା ଟ୍ରକ ବନ୍ଦର ଅଞ୍ଚଳରେ ଅନଲୋଡ କରିବା ପାଇଁ କ୍ରମାନ୍ୱୟରେ ଅନୁମତି ପ୍ରଦାନ କରାଯାଉଥିବା ଯୋଗୁ ଚଣ୍ଡିଖୋଲ-ପାରାଦ୍ୱୀପ ୫ ନଂ.(କ) ରାଜପଥରେ କଡ଼ରେ ଲୁହାପଥର ବୋଝେଇ ଟ୍ରକ ଦିନ ଦିନ ଧରି ଛିଡ଼ା ହୋଇ ରହୁଛି।

ଡେରାବିଶ ବ୍ଲକ ଅଧୀନ ୫ ନଂ.(କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବଠାରୁ ଦୁହୁରିଆ ପର୍ଯ୍ୟନ୍ତ ଶହ ଶହ ଟ୍ରକ ଛିଡ଼ା ହୋଇ ରହୁଛି। ଫଳରେ ଏହି ରାସ୍ତା ଦେଇ ଅନ୍ୟ ଗାଡ଼ିମୋଟର ଯିବା ଆସିବାରେ ଅସୁବିଧା ହେଉଛି। ବସ୍, ୪ ଚକିଆ ଯାନ ଓ ବାଇକ୍ ଚାଳକଙ୍କ ପାଇଁ ଏହି ରାସ୍ତା ବିପଦ ପାଲଟିଛି। ଏଥିସହ ଧାଡିରେ ଛିଡା ହୋଇଥିବା ଏହି ମାଲ ବୋଝେଇ ଟ୍ରକ ମଧ୍ୟରୁ କେତେକ ହଠାତ୍ ଡାହାଣ ପଟକୁ ବାହାରି ଆସିବା ଯୋଗୁ ଗତ ୩/୪ ଦିନ ମଧ୍ୟରେ ଏକାଧିକ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟିଲାଣି। ଏପରିକି କଟକରୁ କେନ୍ଦ୍ରାପଡା ଆସୁଥିବା ବସ୍ ଡାହାଣ ପଟ ଦେଇ ଆସିବା ଦ୍ୱାରା ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିଦ୍ଧ ଦାସ ପୁଷ୍କରିଣୀ ପୁନରୁଦ୍ଧାର ଦାବି

**କେନ୍ଦ୍ରାପଡା ଅଫିସ, ୨୭।୬**

କେନ୍ଦ୍ରାପଡ଼ା ସହରର ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଭଗବାନପୁରସ୍ଥିତ ସିଦ୍ଧ ଦାସ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି । ଏନେଇ ଏକ ଦାବିପତ୍ର ଇତିମଧ୍ୟରେ କେନ୍ଦ୍ରାପଡା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ କମିଟି, ସିଦ୍ଧ ଦାସ ସ୍ମୃତି କମିଟି, ଭଗବାନପୁର ଓ ଈଶ୍ୱରପୁର ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।

ଏ ସମ୍ପର୍କରେ କମିଟି କାର୍ଯ୍ୟକର୍ତ୍ତା ନୃସିଂହ ପ୍ରସାଦ ପତ୍ର ପ୍ରକାଶ କହିଛନ୍ତି ଗତ କିଛିମାସ ପୂର୍ବେ ପ୍ରଶାସନ ପକ୍ଷରୁ ଏହି ପୁଷ୍କରିଣୀରୁ ଜବରଦଖଲକୁ ହଟାଇଦିଆଯାଇଥିଲା । ସିଦ୍ଧଦାସ ପୁଷ୍କରିଣୀ ନିକଟରେ ନିର୍ମାଣ କରାଯାଇଥିବା ରାସ୍ତାଟିକୁ ଜେସିବି ମେଶିନ ଦ୍ୱାରା ଭାଙ୍ଗି ଦିଆଯାଇଥିଲା। ଏବେ ଏହି ପୁଷ୍କରିଣୀକୁ ପୌରାଞ୍ଚଳ ଡ୍ରେନ ପାଣ ପଶି ବିଷାକ୍ତ କରିଦେଇଛି। ଧାର୍ମିକ ପ୍ରଥା ଅନୁଯାୟୀ, ଅଶୋକାଷ୍ଟମୀ ଦିନ ସେହି ପୋଖରୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥାଆନ୍ତି । ମାତ୍ର ପୁନରୁଦ୍ଧାର ନ ହେଲେ ଦୂଷିତ ଜଳରେ ବୁଡ ପକାଇବା ସମ୍ଭବ ନୁହେଁ। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟି କାର୍ଯ୍ୟକର୍ତ୍ତା ନିର୍ମଳ ପତି, ରାଜେନ୍ଦ୍ର ପ୍ରସାଦ ପାଣି ଓ ବେଣୁଧର ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ ।


ଦଳ ପୂର୍ଣ୍ଣ ସିଦ୍ଧ ଦାସ ପୁଷ୍କରିଣୀ।

ଦି ୟଙ୍ଗ୍ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ୨୦୧୯

# ୧୫୧-୨୦୦ ର୍‍ୟାଙ୍କ୍‌ରେ ଆଇଆଇଟି ଭୁବନେଶ୍ୱର

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଦି ଟାଇମ୍ସ ହାୟର ଏଜୁକେଶନ(ଦି) ୟଙ୍ଗ୍ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୧୯ରେ ଭୁବନେଶ୍ୱର ଆଇଆଇଟି ସ୍ଥାନ ପାଇଛି। ଆଇଆଇଟି ଭୁବନେଶ୍ୱର ୧୫୧-୨୦୦ ର୍‍ୟାଙ୍କ୍ ପାଇ ଓଡ଼ିଶା ପାଇଁ ଗୌରବ ଆଣିଛି। ତେବେ ପ୍ରିମିୟର ନ୍ୟାଶନାଲ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଶନ କ୍ଷେତ୍ରରେ ଆଇଆଇଟି ଭୁବନେଶ୍ୱର ଭାରତରେ ୫ମ ର୍‍ୟାଙ୍କ୍‌ରେ ରହିଛି। ସେହିପରି ଗବେଷଣା କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ଏହି ର୍‍ୟାଙ୍କ୍ ପାଇବା ପରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜା କୁମାର କହିଛନ୍ତି, ଶିକ୍ଷାଠାରୁ ଆରମ୍ଭ କରି ଗବେଷଣା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆମ ଶିକ୍ଷାନୁଷ୍ଠାନ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ କାର୍ଯ୍ୟ କରିଆସୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆମ ଶିକ୍ଷାନୁଷ୍ଠାନ ଭଲ ପ୍ରଦର୍ଶନ କରୁଛି। ଆହୁରି ଆଗକୁ ବଢ଼ିବା ପାଇଁ ଆମେ ଚେଷ୍ଟା କରିବୁ ବୋଲି ରାଜା କୁମାର କହିଛନ୍ତି।

## ଟଙ୍କା ଫେରି ନ ପାଇବାରୁ ମହିଳାଙ୍କ ଧାରଣା

**ମହାକାଳପଡ଼ା, ୨୭।୬ (ଡି.ଏନ୍.ଏ.)**


ରୀନାରାଣୀ ଧାରଣାରେ ବସିଛନ୍ତି।

ମହାକାଳପଡ଼ା ପଞ୍ଚାୟତ କିଆରବାଙ୍କ ଗ୍ରାମର ଜନୈକ ବ୍ୟକ୍ତି ସେହି ଗ୍ରାମର ରୀନାରାଣୀ ପାହିଲିଙ୍କୁ ଘରବାରି ଜମି କିଣିଦେବାକୁ କହି ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଜମି ନ ଦେବା ସହ ଟଙ୍କା ମଧ୍ୟ ନ ଫେରାଇବାରୁ ରୀନାରାଣୀ ଗୁରୁବାର ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଧାରଣାରେ ବସିଥିବା ଦେଖାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜମି ଦେଉ ନଥିବା ବେଳେ ଜମି ପାଇଁ ନେଇଥିବା ଟଙ୍କା ଫେରାଉ ନ ଥିବାରୁ ସେ ଧାରଣା ଦେଇଛନ୍ତି। ଏଥିସହ ସେ ଦେଢ଼ମାସ ପୂର୍ବରୁ ଏ ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ରୀନାରାଣୀ କହିଛନ୍ତି। ଖବରପାଇ ମହାକାଳପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ବି ଏହାର କୌଣସି ସମାଧାନ ହୋଇପାରିନାହିଁ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ରୀନାରାଣୀ ଧାରଣାରେ ବସିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମହାକାଳପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀଙ୍କୁ ପଚାରିବାରେ ଏ ନେଇ ଅଭିଯୋଗ ମିଳିଥିବା କହିଛନ୍ତି।

# ବର୍ଷା ଆରମ୍ଭରୁ ଜିଲାର ବହୁ ରାସ୍ତା ବେହାଲ

**କେନ୍ଦ୍ରାପଡ଼ା ଜିଲା**

■ ୪୮୩ରୁ ମାତ୍ର ୩୧ ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି
■ ଧୋୟାଅଞ୍ଚଳକୁ ଗମନାଗମନ ଠପ୍
■ ମହାକାଳପଡା ବ୍ଲକର ବହୁ ଗ୍ରାମ ଜରୁରୀ ସେବାରୁ ବଞ୍ଚିତ

**କେନ୍ଦ୍ରାପଡ଼ା ଅଫିସ, ୨୭।୬**

ଗତ ୩ ଦିନ ଧରି ପ୍ରାକ୍ ମୌସୁମୀ ବର୍ଷା କେନ୍ଦ୍ରାପଡା ଜିଲାରେ ଲାଗିରହିଛି । ଏହି ବର୍ଷା ଚାଷୀଙ୍କ ମନରେ ଆନନ୍ଦ ଦେଇଥିବା ବେଳେ ବହୁ ରାସ୍ତା ଅବସ୍ଥା ବେହାଲ ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମୋଟ ୪୮୩ଟି ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀପ୍ରାପ୍ତ ହୋଇଥିଲା। ଇତିଧ୍ୟରେ ମାତ୍ର ୩୧ ରାସ୍ତା ନିର୍ମାଣ ସରିଛି। ତେବେ ଏହି ରାସ୍ତାଗୁଡିକ ଏବେ ଲଗାତର ବର୍ଷାଯୋଗୁ ଯାତାୟାତ ଅନୁପଯୋଗୀ ହୋଇଯାଇଛି। ଧୋୟାଅଞ୍ଚଳ ଭାବେ ପରିଚିତ ସିଂହ ଗାଁ ପଞ୍ଚାୟତକୁ ରାସ୍ତା ନିର୍ମାଣ ସରି ନ ଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ସେହିପରି ରାସ୍ତା ଅଭାବରୁ ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ବହୁ ଗ୍ରାମବାସୀ ଜରୁରୀ ସେବାରୁ ବଞ୍ଚିତ ହେବେ ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମହାକାଳପଡା ୟୁଥ କ୍ଲବ ସଭାପତି ସୁନୀଲ ଗନ୍ତାୟତ କୁହନ୍ତିଯେ, ୨୦୧୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ନଦୀବନ୍ଧ ସୁଦୃଢ଼ୀକରଣ ଆଳରେ ପିଚୁ ଖୋଳାଯାଇ କାମ ଚାଲିଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇନାହିଁ । ଲୁଣାନଦୀର କଳପଡାଠାରୁ ରଙ୍ଗାଳ ଗ୍ରାମ ଓ ଚିତ୍ରୋତ୍ପଳାର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତା ଏବେ ଯାତାୟାତ ଉପଯୋଗୀ ହୋଇନାହିଁ। ରାସ୍ତା ନିର୍ମାଣ ସରି ନ ଥିବାରୁ ଅଞ୍ଚଳବାସୀ ବର୍ଷା ସମୟରେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ କହିଛନ୍ତିଯେ, କେବଳ ଜଳସମ୍ପଦ ବିଭାଗ ନୁହେଁ ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ ପ୍ରଶାସନର ପଞ୍ଚାୟତିରାଜ ବିଭାଗ, ଆଳି ତଟବନ୍ଧ ବିଭାଗ ଆଦି ଅବହେଳା କରିଛନ୍ତି। ମହାକାଳପଡା ବ୍ଲକ ସାମାଜିକ କର୍ମୀ ବିଭୂତି ରାଉତ କହିଛନ୍ତି, ଉପାନ୍ତ ଅଞ୍ଚଳରେ ଗମନାଗମନ ସମସ୍ୟା ଦେଶ। ସ୍ୱାଧୀନତାର ପରବର୍ତ୍ତୀ ସମୟରୁ ଅଦ୍ୟାବଧି ସମାଧାନ ହୋଇ ପାରିନାହିଁ ମହାକାଳପଡା ଓ ରାଜନଗର ବ୍ଲକ ଅଞ୍ଚଳରେ ଯାତାୟାତ ପଥକୁ ନଦୀ ନାଳ ରୋକୁଥିବା ବେଳେ ବର୍ଷାଦିନେ ଜରୁରୀ ସେବା ମିଳିବା କଷ୍ଟ ହେଉଛି। ତେବେ ଚଳିତ ବର୍ଷର ଲଗାତର ବର୍ଷା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦଶମୌଜି ଅଞ୍ଚଳ ବଡକୂଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ମାଉଣ୍ଟ ପର୍ଯ୍ୟନ୍ତ ରାସ୍ତାରେ ଥିବା ବଡ ଗାଡ଼ ଏବେ ବର୍ଷାପାଣିରେ ପୂରିଯାଇଛି। ଫଳରେ ବଡକୂଳ ପଞ୍ଚାୟତ ଓ କରଞ୍ଜି ପଞ୍ଚାୟତବାସୀ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ବିଜୟନଗର ହାଟରୁ ବିଶ୍ୱାଳ ସାହି, ବିଜୟନଗର ଫେରିଘାଟରୁ କେୟାରବାଙ୍କ, ଗୋଗୁଆ ପଞ୍ଚାୟତର ଗୁଲୁଦୁଆ ଓ କୁରୁଡୁଙ୍ଗା, କଂସାର ବଡାଦାଣ୍ଡୁଆ, ବଗଗହଣ, ପଙ୍କପାଳ, ବଡପାଳ ଆଦି ରାସ୍ତା ଏବେ ଖରାପ ହୋଇଯାଇଛି ବୋଲି ରାଉତ କହିଛନ୍ତି।

ସେହିପରି ସିଂହଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଯେନା କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ଅନୁଦାନ ପ୍ରାପ୍ତ ହୋଇଥିଲେ ମଧ୍ୟ ଗମନାଗମନ ସମସ୍ୟା ପୂର୍ବଭଳି ରହିଛି । କଣ୍ଡିଆ ନାଳ ସେତୁ ଅଧାପନ୍ତରିଆ ନିର୍ମାଣ ହେବା ସହ ଦାଣ୍ଡିସାହିରୁ ସିଂହଗାଁ ରାସ୍ତାରେ ଥିବା ଛୋଟ ପୋଲ କାର୍ଯ୍ୟ ଅଦ୍ୟାବଧି ସରିନାହିଁ । ଚଳିତ ଲଘୁ ଚାପ ବର୍ଷାରେ ପୋଲ ତଳ ରାସ୍ତାରେ ୬ ଫୁଟ ଉଚ୍ଚର ପାଣି ଜମି ରହି ଯାତାୟାତକୁ ଠପ୍ କରିଦେଇଛି। ଅଧିକ ବର୍ଷା ହେଲେ ବ୍ରାହ୍ମଣୀ ନଦୀରେ ପାଣି ଆସି ଧୋୟା ଅଞ୍ଚଳର ଦୁଃଖ ବଢ଼ାଇବ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ପିଡି ଦିଲ୍ଲୀପ କୁମାର ପରିଡା କୁହନ୍ତି ଯେ, ରାସ୍ତା ସମସ୍ୟାକୁ ନେଇ ବହୁବାର ବୈଠକ ହୋଇଛି। ଏନେଇ ବିଭିନ୍ନ ବିଭାଗକୁ ସଜାଗ କରାଯାଇଛି । ତେବେ ଚଳିତ ଆର୍ଥିକ ବର୍ଷ ନିର୍ବାଚନ ଓ ଫନୀ ବାତ୍ୟା ପାଇଁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହୋଇଛି ।

## ସଂକ୍ଷେପରେ

### ଡାକ ବିଭାଗର ଫିଲାଟେଲି ଶିବିର

**କୁଜଙ୍ଗ,୨୭।୬(ସ୍ୱ.ପ୍ର.):** କୁଜଙ୍ଗ ଡାକ ଉପଖଣ୍ଡ ପକ୍ଷରୁ ଗ୍ରୀଷ୍ମକାଳୀନ ଫିଲାଟେଲି ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ଡାକଟିକଟ ପ୍ରଦର୍ଶନୀ କରାଯାଇଥିଲା। ପ୍ରତିଯୋଗିତାରେ ଜନତା ବିଦ୍ୟାପୀଠ ଝିମାଣୀ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ମଙ୍ଗରାଜପୁର, ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ହସିଣାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ମଙ୍ଗରାଜପୁର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏଥିରେ ଡାକ ବିଭାଗ ଓଭରସିୟର ରମାକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କୁଜଙ୍ଗ ଡାକ ନିରୀକ୍ଷକ ସତ୍ୟବ୍ରତ ଗାହଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ ବିଭାଗର ଇତିହାସ, ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ପଲାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରସାର ଯୋଗୁ ଡାକର ଗୁରୁତ୍ୱ ହ୍ରାସ ପାଇଥିଲେ ମଧ ଡାକ ଚିଠିର ମାଦକତା ଭିନ୍ନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପ୍ରେସ୍ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ମଙ୍ଗରାଜୁପରର ସହକାରୀ ଶିକ୍ଷକ ନନ୍ଦକିଶୋର ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡାକ କର୍ମଚାରୀ ବିଳାସ ନନ୍ଦ, ପ୍ରୀତିଶ ଧରୁଆ, ଜଗନ୍ନାଥ ପାଣି, ଦିଲୀପ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋଟିଏ ସ୍କୁଲ୍ ବନ୍ଦ ହେବା ନେଇ ଆଶଙ୍କା

**ସାଲେପୁର,୨୭।୬(ଡି.ଏନ୍.ଏ.):** ସାଲେପୁର ଶିକ୍ଷାମଣ୍ଡଳ ଅଧୀନରେ ଥିବା ୨୧୭ଟି ବିଦ୍ୟାଳୟ ମଧ୍ୟରୁ ଗୋଟିଏ ସ୍କୁଲ ବନ୍ଦ ହେବାନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ୧୦ରୁ କମିଯାଇଥିବାରୁ ଏହି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ସାଲେପୁର ଶିକ୍ଷାମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ କହିଛନ୍ତି, ମହଣ ପଞ୍ଚାୟତ ଅନ୍ତର୍ଗତ ରାହାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମାତ୍ର ୫ଜଣ ରହିଛି। ଏହା ବ୍ୟତୀତ ଅନ୍ୟ କୌଣସି ସ୍କୁଲରେ ୧୦ରୁ କମ୍ ଛାତ୍ରୀଛାତ୍ର ନାହାଁନ୍ତି। ଏ ନେଇ ଶିକ୍ଷାମଣ୍ଡଳ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରୁ ନିର୍ଦ୍ଦେଶ ଆସିଲା ପରେ ରାହାଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଦିଆଯିବା ସମ୍ଭାବନା ରହିଛି। ନିର୍ଦ୍ଦେଶ ଆସିବା ପରେ ଏଠାରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ବଦଳି କରାଯିବା ସହ ସେଠାରେ ଥିବା ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ପାଠପଢ଼ିବାକୁ କୁହାଯିବ।

■ ପୋଲ ନିର୍ମାଣକୁ ନେଇ ଜଳସମ୍ପଦ-ଆରଡି ବିଭାଗ ମୁହାଁମୁହିଁ

# କେନାଲରେ ପାଣି ଆସିଲେ ଘାଇ ଆଶଙ୍କା

**ବିରିଡ଼ି,୨୭।୬(ଡି.ଏନ.ଏ)**



ପୋଲ ନିର୍ମାଣ ପାଇଁ କେନାଲ ବନ୍ଧକୁ ଖୋଳି ଦିଆଯାଇଛି।

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ମାଛଗାଁ କେନାଲ ଉପରେ ଅଷ୍ଟଶମ୍ଭୁ ଓ ବାଲିଆ ନିକଟରେ ଦୁଇଟି ପୋଲ ନିର୍ମାଣ କରାଯିବ। ଏହି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ନେଇଛି। ସ୍ୱଳ୍ପ ସମୟ ମଧ୍ୟରେ କାର୍ଯ୍ୟ କରିବା ଲକ୍ଷ୍ୟରେ ଉଭୟ ସ୍ଥାନରେ କେନାଲର ଦୁଇପାର୍ଶ୍ୱ ବନ୍ଧକୁ ପୋକଲିନ ମେଶିନ ଲଗାଇ ଖୋଳି ଦିଆଯାଇଛି। କିନ୍ତୁ ଜୁନ ମାସ ଶେଷ ହୋଇଯାଇଥିଲେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେଣୁ କେନାଲରେ ପାଣି ଆସିଲେ ଘାଇ ସୃଷ୍ଟି ହେବା ନିଶ୍ଚିତ। ଦୁଇ ବିଭାଗର ଅପରିଣାମଦର୍ଶିତା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଆରଡି ବିଭାଗକୁ ପତ୍ର ଲେଖାଯାଇଛି। କିନ୍ତୁ ଏହା ଉପରେ ସମ୍ପୃକ୍ତ ବିଭାଗ କୌଣସି ପଦକ୍ଷେପ ନ ନେଇ ଚୁପଚାପ ବସିଯାଇଛି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ମଧ କେନାଲ ବନ୍ଧକୁ ନେଇ ସେତେଟା ଚିନ୍ତିତ ନ ଥିବା ଅଭିଯୋଗ ହେଉଛି। କାରଣ ଏକ ଦୀର୍ଘ ମିଆଦି ପୋଲ ନିର୍ମାଣ କାର୍ଯ୍ୟ କିପରି ଜୁନ ମାସରେ କରିବାକୁ ଜଳସମ୍ପଦ ବିଭାଗ ଅନୁମତି ଦେଲା ତାହା ବୁଝାପଡୁନି। ଅତିକମରେ ୪ ମାସ ସମୟରେ ପୋଲ ୨ଟି କାର୍ଯ୍ୟ ଶେଷ ହୋଇପାରିବ ବୋଲି ଜଣେ ଅବସରପ୍ରାପ୍ତ ଯନ୍ତ୍ରୀ କହିଛନ୍ତି। ଖାମଖିଆଲ ଭାବେ ଏଭଳି କାର୍ଯ୍ୟ ଆରମ୍ଭକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟ ୨୦୧୯ ଜାନୁୟାରୀ ମାସରୁ କରାଯାଇ ପାରିଥାନ୍ତା। ଏଥିପ୍ରତି ଉଭୟ ବିଭାଗ ବରିଷ୍ଠ ଯନ୍ତ୍ରୀମାନଙ୍କ

■ବିଳମ୍ବରେ କାମ କରିବାକୁ ଅନୁମତି ଦେଇଛି ଜଳସମ୍ପଦ ବିଭାଗ

■କେନାଲ ବନ୍ଧ ଖୋଳିଦେଇ ଆରଡି ବିଭାଗ ନୀରବ

ମଧ୍ୟରେ ବିଚାର ବିମର୍ଷ କରିଥିଲା ବୋଲି ସ୍ଥାନୀୟ ବାସିନ୍ଦା ଆୟୁବ ସାହା କହିଛନ୍ତି। କେନାଲ ବନ୍ଧ ଖୋଳିବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳସମ୍ପଦ ବିଭାଗକୁ ଅବଗତ କରାଇ ନ ଥିଲା ବୋଲି ବାଲିଆ ସବଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ କହିଛନ୍ତି। ତେଣୁ କେନାଲରେ ପାଣି ଛାଡିବାକୁ ନେଇ ଜଳସମ୍ପଦ ବିଭାଗ ଅସୁବିଧାରେ ପଡ଼ିଥିବା ସେ ସୂଚନା ଦେଇଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶିଲ ରାଉତରାୟଙ୍କୁ ବନ୍ଧ ଖୋଳା ସମ୍ପର୍କରେ ପଚାରିବାରୁ ବାଲିଅଖା ଦେଇ ଖାଲି ସ୍ଥାନ ପୋତିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇଛି ବୋଲି କହିଛନ୍ତି।

**୪ମାସ ହେଲା ହେଉ ନ ଥିଲା, ୩ ଦିନରେ ପଦକ୍ଷେପ ନେଲେ ନୂଆ ଜିଲାପାଳ**

## ୪୮୮ କଳାକାରଙ୍କ ଭତ୍ତା ଅନୁମୋଦିତ

**ଜଗତ୍‌ସିଂହପୁର ଅଫିସ,୨୭।୬**

ରାଜ୍ୟ ସରକାର କଳାକାରମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିଛନ୍ତି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାର କଳାକାରମାନେ ଜିଲା ସଂସ୍କୃତି କାର୍ଯ୍ୟାଳୟରେ ଆବେଦନ କରୁଛନ୍ତି। ଅନେକ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଆଉ ଅନେକଙ୍କ ନାମ ତାଲିକାଭୁକ୍ତ ହୋଇନାହିଁ। ତେବେ ଯେଉଁମାନେ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ପ୍ରତି ମାସରେ ଭତ୍ତା ଦିଆଯିବା କଥା। କିନ୍ତୁ ଦୁଃଖର କଥା ହେଲା ଜିଲାର ୪୮୮ ଜଣ କଳାକାରଙ୍କୁ ଗତ ଜାନୁୟାରୀ ଓ ଫେବ୍ରୁୟାରୀ ମାସର ଭତ୍ତା ଦିଆଯିବାରେ ବିଳମ୍ବ କରାଯାଉଥିଲା। ପୂର୍ବତନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଟେବୁଲରେ ୪ ମାସ ହେଲା ଏ ସମ୍ପର୍କିତ ଫାଇଲ ପଡି ରହିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। ତାଙ୍କ ବଦଳି ପରେ ନୂଆ ଜିଲାପାଳ ଭାବେ ସଂଗ୍ରାମ କେଶରୀ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମହାପାତ୍ର କାର୍ଯ୍ୟରେ ଯୋଗ ଦେବାର ୩ ଦିନ ଭିତରେ ଏହି ୪୮୮ କଳାକାରଙ୍କ ଭତ୍ତା ଅନୁମୋଦନ କରିଛନ୍ତି। ଏହି କଳାକାରମାନେ ଏରସମା, ବିରିଡ଼ି, ବାଲିକୁଦା, ରଘୁନାଥପୁର ଆଦି ବ୍ଲକ ଅଞ୍ଚଳର ବୋଲି ଜଣାଯାଇଛି। ଏହି କଳାକାରମାନଙ୍କୁ ଭତ୍ତା ବାବଦରେ ମୋଟ୍ ୧୧,୭୧,୨୦୦ ଟଙ୍କା ଦିଆଯିବ ବୋଲି ସୂଚନା ମିଳିଛି।

## ୯.୫ ଗ୍ରାମ୍ ବ୍ରାଉନସୁଗାର ଜବତ

**ଜଗତ୍‌ସିଂହପୁର ଅଫିସ, ୨୭।୬**

ବୁଧବାର ରାତିରେ ଅବକାରୀ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଦେଢଶରଦେଉଳୀରେ ଚଢାଉ କରାଯାଇ ବ୍ରାଉନ ସୁଗାର କାରବାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ ଖେରସ ଗ୍ରାମର ଜୀବନ ଲେଙ୍କା। ତାଙ୍କଠାରୁ ୯.୫ ଗ୍ରାମ ବ୍ରାଉନ ସୁଗାର ଜବତ ସହ ୧୯,୩୦୦ ଟଙ୍କା ଜବତ ହୋଇଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଜୀବନ ବିଟେକ୍ ପାସ୍ କରିଛନ୍ତି। ଅର୍ଥ ଅଭାବରୁ ସେ ଏହି ନିଶା କାରବାର ପାଇଁ ମନ ବଳାଇଥିବା ଜଣାଯାଇଛି ।

# ରଶ୍ମିରଞ୍ଜନ ହେଲେ ବିଧାୟକଙ୍କ ପୌର ପ୍ରତିନିଧି

**ପାରାଦୀପ,୨୭।୬(ସ୍ୱ.ପ୍ର.)**

କୁହାଯାଏ ରାଜନୀତିରେ କେହି ଚିର ଶତ୍ରୁ କି ମିତ୍ର ନ ଥାନ୍ତି। ଘଟଣାଚକ୍ରରେ ମିତ୍ର ଶତ୍ରୁ ଓ ଶତ୍ରୁ ମିତ୍ର ହୋଇଯାଇଥାନ୍ତି। ପାରାଦୀପ ରାଜନୀତିରେ ଏବେ ଏଭଳି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରେ ଥିବାବେଳେ ଯେଉଁମାନେ ତାଙ୍କର ମିତ୍ର ଥିଲେ, ଦଳରୁ ବହିଷ୍କୃତ ହେବା ପରେ ସେମାନେ ଶତ୍ରୁ ଭାବେ ପରିଗଣିତ ହେଉଛନ୍ତି। ସେହିପରି ଦାମଙ୍କଠାରୁ ଯେଉଁମାନେ ଦୂରେଇ ରହୁଥିଲେ, ସେମାନେ ତାଙ୍କର ଅନୁଗତ ଭାବେ ପରିଚିତ ହେଲେଣି। ଗତବର୍ଷ ସେପ୍ଟେମ୍ବର ୧୨ରେ ବିଜେଡି ଦାମଙ୍କୁ ବହିଷ୍କାର କରିଥିଲା। ସେତେବେଳେ ଦାମଙ୍କ ସହ ଥିବା ଦଳୀୟ କର୍ମୀ ତଥା ଅନୁଗତମାନେ ଦଳ ସହ ରହି ତାଙ୍କଠାରୁ ଦୂରେଇ ଯାଇଥିଲେ। ସେମାନଙ୍କୁ ଏବେ ଦାମ ନିଜ ପୁତ୍ର ତଥା ବିଧାୟକ ସମ୍ବିତ ରାଉତରାୟଙ୍କ ମାଧ୍ୟମରେ ଦମନ କରିବାକୁ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚାର କାରଣ ହେଲା ପୂର୍ବତନ ପୌରାଧ୍ୟକ୍ଷ କିଶୋର କୁମାର ପରିଡ଼ାଙ୍କ ପୁଅ ରଶ୍ମିରଞ୍ଜନ ପରିଡ଼ାଙ୍କୁ ବୁଧବାର ସମ୍ବିତ ନିଜ ପୌର ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଏହି ଘଟଣା ଏବେ ବିଜେଡି ରାଜନୀତିକୁ ସରଗରମ କରିଛି। ଏହି ପଦ ପାଇଁ ଅନେକ ଦାବିଦାର ଥିଲେ।

ରଶ୍ମିରଞ୍ଜନ ହେଉଛନ୍ତି ଦାମଙ୍କ ଶିବିର


ରଶ୍ମିରଞ୍ଜନଙ୍କୁ ନିଯୁକ୍ତି ପତ୍ର ଦେଉଛନ୍ତି ସମ୍ବିତ।

■ପୁଅ ମାଧ୍ୟମରେ ଦାମଙ୍କ ଦମନ ଲୀଳା

■ଉଷ୍ମ ହେଉଛି ବିଜେଡି ରାଜନୀତି

ଲୋକ। ସୂଚନାଯୋଗ୍ୟ, ଏକଦା ବିଜେଡି ରାଜନୀତିରେ କିଶୋର ପାରାଦୀପରେ ଆଗଧାଡ଼ିରେ ଥିଲେ। ୨୦୦୯ ପର୍ଯ୍ୟନ୍ତ ପୌର ବିଜେଡି ସଭାପତି ଓ ୬ ମାସ ପାଇଁ ପୌରାଧ୍ୟକ୍ଷ ପଦରେ ଥିଲେ। ସେତେବେଳେ ଦାମଙ୍କ ସହ କିଶୋରଙ୍କର କୌଣସି କାରଣରୁ ମତଭେଦ ହେବାରୁ ଦାମ ତାଙ୍କୁ ସଭାପତି ପଦରୁ ହଟାଇ ସୁମନ୍ତ ବିଶ୍ୱାଳଙ୍କୁ ସଭାପତି କରିଥିଲେ। ଏପରି କି ପୌର ନିର୍ବାଚନରେ କିଶୋରଙ୍କୁ ଦଳୀୟ ଟିକେଟ ମିଳି ନ ଥିଲା। ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେବେଠାରୁ କିଶୋର ଦଳରେ ଅଲୋଡା ହୋଇଯାଇଥିଲେ। ଦଳରେ ସୁମନ୍ତ ବିଶ୍ୱାଳ ଓ ବସନ୍ତ ବିଶ୍ୱାଳଙ୍କ କ୍ଷମତା ବୃଦ୍ଧି ପାଇଥିଲା। ୨୦୧୮ରେ ବିଜେଡି ଦାମଙ୍କୁ ବହିଷ୍କାର କରିବା ପରେ ତାଙ୍କ ପାଖରେ କେହି ଅନୁଗତ ରହି ନ ଥିଲେ। ସେତେବେଳେ କିଶୋର ଏକମାତ୍ର ପୁରୁଣା ମୁହଁ ହିସାବରେ ଦାମଙ୍କ ସହ ରହିଥିଲେ। ଗତ ସାଧାରଣ ନିର୍ବାଚନରେ ପାରାଦୀପରୁ ସମ୍ବିତ ବିଜୟୀ ହେବା ପରେ କ୍ଷମତା ଏବେ ତାଙ୍କ ହାତମୁଠାରେ ରହିଛି। ତେଣୁ ଅସୁବିଧା ସମୟରେ ଦାମଙ୍କ ପାଖରେ କିଶୋର ଛିଡ଼ା ହେବା ଓ ସୁମନ୍ତ-ବସନ୍ତ ଗୋଷ୍ଠୀଙ୍କୁ ପ୍ରଭାବହୀନ କରିବା ପାଇଁ ରଶ୍ମିରଞ୍ଜନଙ୍କୁ ବିଧାୟକ ପ୍ରତିନିଧି କରାଯାଇଥିବା ଚର୍ଚ୍ଚା ହେଉଛି। ଏପରି କି ଗତ ୧୪ ତାରିଖରେ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ ଫଳକରେ ବିଧାୟକଙ୍କ ନାମ ନ ଥିବାରୁ ବିବାଦ ସୃଷ୍ଟି ହେବା ଘଟଣା ସହ ଏହାର ସମ୍ପର୍କ ଥିବା କୁହାଯାଉଛି। ଆଉ ୮ ମାସ ପରେ ପୌର ନିର୍ବାଚନ ହେବାକୁଯାଉଛି। ତେଣୁ ପୌର ଶାସନକୁ ନିଜ ହାତକୁ ନେବା ପାଇଁ ବିଜେଡି ଶିବିରରେ ଏକାଧିକ ଆଶାୟୀ ଅଛନ୍ତି। କେବଳ ହାଉସିଂବୋର୍ଡରେ ରହୁଥିବା ପୁଞ୍ଜିପତିଙ୍କ ମଧ୍ୟରେ ୭ଜଣ ଏହି ଦୌଡ଼ରେ ଅଛନ୍ତି। ଏହାବାଦ ପୁରୁଣା କାଉନ୍‌ସିଲର, ଅନ୍ୟ କେତେକ ସଙ୍ଗଠକ ଏବେଠାରୁ ଲବି ଆରମ୍ଭ କରିଦେଲେଣି। ଏହି କ୍ଷମତା ଆଶାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଓ ଦାମଙ୍କ ଗୋଟି ଚାଳନା ଆଗାମୀ ଦିନରେ କି ରୂପ ନେବ ଦେଖିବାର ଅଛି।

## ତହସିଲ ରେକର୍ଡରୁମ୍ ପୁନରୁଦ୍ଧାର ଦାବି

**କୁଜଙ୍ଗ,୨୭।୬(ସ୍ୱ.ପ୍ର.)**

କୁଜଙ୍ଗ ତହସିଲର ବହୁ ପୁରାତନ ନଥିପତ୍ର ରେକର୍ଡରୁମ୍‌ରେ ଗଚ୍ଛିତ ରହିଛି। ମାତ୍ର ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ତେଣୁ ଏହି ରେକର୍ଡରୁମ୍‌ର ପୁନରୁଦ୍ଧାର ହେବା ଆବଶ୍ୟକ ବୋଲି ଶିକ୍ଷାବିତ୍ ଉପେନ୍ଦ୍ରନାଥ ମିଶ୍ର ଦାବି କରିଛନ୍ତି। ଏହି ରେକର୍ଡରୁମ୍‌ରେ ବର୍ଦ୍ଧମାନ ରାଜାଙ୍କ ସମୟର ବହୁ ଗୁରୁତ୍ୱପୂର୍ଣ୍ଣ ଦଲିଲ, ସ୍ୱାଧୀନତା ପୂର୍ବର ବହୁ ଦସ୍ତାବିଜ୍ ଓ ଆଲମିରା ଆଦି ରହିଛି। ଏବେ କୁଜଙ୍ଗର ନୂତନ ତହସିଲ ଗୃହ ନିର୍ମାଣ କରାଯାଇଥିବାବେଳେ ତାହା ଉଦ୍‌ଘାଟିତ ହୋଇନାହିଁ। କୁଜଙ୍ଗର ଅତୀତ ଓ ଅସ୍ମିତାକୁ ସୁରକ୍ଷା ଦେବା ନିମନ୍ତେ ପ୍ରଯୁକ୍ତି ବିଦ୍ୟା କୌଶଳରେ ଏସବୁ ଡିଜିଟାଲାଇଜେସନ୍ କରାଯିବା ଆବଶ୍ୟକ।

ଏହା ରାଜସ୍ୱ ବିଭାଗ ପାଇଁ ଭବିଷ୍ୟତରେ ମାର୍ଗଦର୍ଶିକା ରୂପେ କାର୍ଯ୍ୟ କରିବ ବୋଲି ଶ୍ରୀ ମିଶ୍ର ଆଶା ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଯତ୍ନଶୀଳ ହେବାକୁ ସେ ନିବେଦନ କରିଛନ୍ତି। ନଚେତ ଲଗାଣ ବର୍ଷା ଓ ବାତ୍ୟା ସମୟରେ ତହସିଲ ଘରେ ପାଣି ପଶି ଏସବୁ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

## ବହୁ ଆବେଦନ ପରେ ବି ମିଳୁନି ଭତ୍ତା

**ବାଲିଆ,୨୭।୬**

ସରକାର ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରୁଥିବାବେଳେ ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ବିରିଡ଼ି ବ୍ଲକ ଗୋପୀନାଥପୁର ଗ୍ରାମର ପ୍ରଭାକର ସାହୁ (୬୪) ଜଣେ। ସେ ବହୁବାର ଆବେଦନ କରିବା ପରେ ମଧ ବାର୍ଦ୍ଧକ୍ୟ ଭତ୍ତା ନ ପାଇ ନିରାଶ ହୋଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ଏପରି କି ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଆବେଦନ କରିଥିଲେ ମଧ ତାଙ୍କ ଦୁଃଖ କେହି ବୁଝିନାହାନ୍ତି। ପ୍ରଭାକରଙ୍କୁ ୬୦ ବର୍ଷ ହୋଇଥିବା ପ୍ରମାଣପତ୍ର ସ୍ୱରୂପ ସେ ସ୍କୁଲ ସାର୍ଟିଫିକେଟ ଦାଖଲ କରିଛନ୍ତି। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ ଗ୍ରହଣ କରା ନ ଯାଇ ଭୋଟର ତାଲିକାରେ ତାଙ୍କର ବୟସ ହୋଇନାହିଁ ବୋଲି କହି ଫେରାଇ ଦିଆଯାଉଛି। ବୟସାଧିକ୍ୟ ହେତୁ ପ୍ରଭାଭର ଆଉ ପରିଶ୍ରମ କରିପାରୁନାହାନ୍ତି। ବର୍ତ୍ତମାନ ତାଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଚଳୁଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।


ପ୍ରଭାକର ସାହୁ।

## ନାହାନ୍ତି ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ

**ସାଲେପୁର,୨୭।୬(ଡି.ଏନ୍.ଏ.)**

ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୮ମାସ ହେବ ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ ନାହାନ୍ତି । ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ମୁଖ୍ୟ ଚିକିତ୍ସା ଅଧିକାରୀ ଥିବା ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ପଦୋନ୍ନତି ପରେ ଏଠାରୁ ବଦଳି ହୋଇଯାଇଛି । ମାତ୍ର ତାଙ୍କ ସ୍ଥାନରେ କୌଣସି ଚିକିତ୍ସାଧିକାରୀଙ୍କୁ ସ୍ଥାୟୀ ଭାବ ନିଯୁକ୍ତି ଦିଆଯାଇନାହିଁ। ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କୁ ଏହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତୁରନ୍ତ ସାଲେପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ୱଚ୍ଛତା ମିଶନରେ ସାମିଲ ହେଲା ଆହ୍ୱାନ କମ୍ବାଇନ୍ସ

**ପାରାଦୀପ,୨୭।୬(ସ୍ୱ.ପ୍ର.)**

ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ବାଇନ୍ସକୁ କେନ୍ଦ୍ର ସରକାର ସ୍ୱଚ୍ଛତା ମିଶନରେ ସାମିଲ କରିଛନ୍ତି। ପାନୀୟଜଳ, ସ୍ୱଚ୍ଛତା ମନ୍ତ୍ରଣାଳୟ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଓ ନେହେରୁ ଯୁବ ସେବାକେନ୍ଦ୍ର ଦ୍ୱାରା ପରିଚାଳିତ ଗ୍ରୀଷ୍ମକାଳୀନ ସଚେତନତା କାର୍ଯ୍ୟକ୍ରମରେ ଏହି ସଙ୍ଗଠନ ୫୦ ଦିନରେ ୫୦ ଘଣ୍ଟା କାମ କରିବ। ସେହି ଅନୁଯାୟୀ, ଜୁନ୍ ୧୦ରୁ ଜୁଲାଇ ୩୧ ମଧ୍ୟରେ ସଙ୍ଗଠନର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଗ୍ରାମାଞ୍ଚଳକୁ ଯାଇ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରିବେ। ପଲିଥିନ୍ ବ୍ୟବହାର ନ କରିବା, ବର୍ଷାଦିନେ ପାନୀୟଜଳ କିପରି ବ୍ୟବହାର କରାଯିବ, ଘର ଚତୁଃପାର୍ଶ୍ୱ ସଫା ରଖିବା, ମଶା ଓ ମାଛି ସୃଷ୍ଟି ନ ହେବା ପାଇଁ ବ୍ୟବସ୍ଥା କରିବା, ବୃକ୍ଷରୋପଣ, ନାଳ-ପୋଖରୀ ସଫେଇ ଆଦି କାର୍ଯ୍ୟକ୍ରମ ଗାଁ ଲୋକଙ୍କ ସହ ମିଶି କରିବେ। ଉକ୍ତ ଚିଠି ପାଇବା ପରେ ସଙ୍ଗଠନ ପାରାଦୀପ ନିକଟସ୍ଥ ରଙ୍ଗିଆଗଡ଼ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ନେଇଛି ବୋଲି ସଭାପତି ପ୍ରଦୀପ କୁମାର ମହାପାତ୍ର କହିଛନ୍ତି। ଏପରି କି ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଗ୍ରାମରେ କାମ କରୁଛନ୍ତି। ରୁଦ୍ରମାଧବ ପଣ୍ଡା, ପ୍ରଜ୍ଞାସିନୀ ଜେନା, ସ୍ୱାଗତିକା ମହାପାତ୍ର, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଛନ୍ତି।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆହ୍ୱାନ କମ୍ବାଇନ୍ସର ସଦସ୍ୟମାନେ।

■ ଦୁଇଗୁଣା ବିଦ୍ୟାର୍ଥୀ ଥାଇ ସ୍କୁଲ ବନ୍ଦ ନୋଟିସ

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ତିର୍ତ୍ତୋଲ,୨୭।୬(ଡି.ଏନ.ଏ.)**

ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ଥାଇ ମଧ ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତର ଶାହାବାଦପୁର ୟୁପି ସ୍କୁଲକୁ ବନ୍ଦ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନୋଟିସ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ବନ୍ଦ ନିଷ୍ପତ୍ତି ବାତିଲ କରି ପୂର୍ବଭଳି ସ୍କୁଲ ଚଳାଇବା ଦାବିରେ ଗୁରୁବାର ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଛନ୍ତି। ଏପରି କି ସ୍କୁଲ ବନ୍ଦ ନିଷ୍ପତି ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ସେମାନେ ପିଲାମାନଙ୍କୁ ପଢିବାକୁ ପଠାଇବେ ନାହିଁ ବୋଲି ରୋକଠକ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ସ୍କୁଲରେ ଆବଶ୍ୟକ ପିଲା ନ ଥିବା ଦର୍ଶାଇ ଶିକ୍ଷା ବିଭାଗ ତରଫରୁ ସ୍କୁଲ ବନ୍ଦ ପାଇଁ ନୋଟିସ ଦିଆଯାଇଛି। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ଏହାର ପ୍ରତିବାଦ କରି ବିଇଓଙ୍କୁ ଜଣାଇଥିଲେ। ସ୍କୁଲ ବନ୍ଦ ଆଦେଶର ପୁନର୍ବିଚାର କରା ନ ଗଲେ ସେମାନେ ପିଲାମାନଙ୍କୁ ସ୍କୁଲକୁ ପଠାଇବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ତେଣୁ ଦୀର୍ଘ ୫ଦିନ ହେଲା ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡୁ ନ ଥିବାରୁ ସେମାନେ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଅଦ୍ୟାବଧି ଏହି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇବା ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଶିକ୍ଷକମାନେ ବସି ବସି ଫେରୁଛନ୍ତି। ରାଜ୍ୟ ସରକାର ୧୦ରୁ କମ୍ ବିଦ୍ୟାର୍ଥୀ ଥିବା ସ୍କୁଲ ବନ୍ଦ କରି ପାଖ ସ୍କୁଲରେ ମିଶାଇବାକୁ ନିଷ୍ପତି ନେଇଛନ୍ତି। ଏହି ସ୍କୁଲରେ କିନ୍ତୁ ୨୨ଜଣ ପିଲା ପଢୁଛନ୍ତି। ଆବଶ୍ୟକ ସଂଖ୍ୟକ ପିଲାଠାରୁ ଅଧିକ ଦୁଇଗୁଣା ପିଲା ଥିଲେ ମଧ ଏହି ସ୍କୁଲ ବନ୍ଦ ପାଇଁ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏଥିସହ ୧ କିମି ଦୂର ଉକୁସାହି ସ୍ଥିତ ବିସି ନୋଡାଲ ସ୍କୁଲରେ ଏହି ସ୍କୁଲକୁ ମିଶାଇ ଦେବାକୁ ନିଷ୍ପତି ହୋଇଛି। ଆବଶ୍ୟକ ପିଲା ଥାଇ ମଧ କାହିଁକି ସ୍କୁଲ ବନ୍ଦ କରାଯାଉଛି ତାହା ଅଭିଭାବକମାନେ ଜାଣିପାରୁନାହାନ୍ତି। ସରକାରୀ ନିୟମ ପାଳନ କରିବାକୁ ଯାଇ


ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭରତ ଅଭିଭାବକ।

■୫ ଦିନ ହେଲା ସ୍କୁଲ ଯାଉନାହାନ୍ତି ପିଲା

■ବିଇଓ କହିଲେ ମନ୍ତ୍ରୀଙ୍କଠାରୁ ଲେଖା ଆଣ

ଶିକ୍ଷା ବିଭାଗ ଅଧିକାରୀମାନେ ମନମୁଖୀ କାର୍ଯ୍ୟ ଚଳାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ମନୋଜ ବେହେରାଙ୍କ ସମେତ ଅଭିଭାବକ ସୁରେନ୍ଦ୍ର ସାହୁ, ରାମଚନ୍ଦ୍ର ବେହେରା, ଶରତ ସାହୁ, ପ୍ରମୋଦ ସାହୁ, ତ୍ରୈଲୋକ୍ୟ ନାୟକ, ଅଶୋକ ନାୟକ ପ୍ରମୁଖ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏ ସମ୍ପର୍କରେ ବିଇଓ ଧିରେନ୍ଦ୍ରନାଥ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ ଏହି ବିଦ୍ୟାଳୟ ବନ୍ଦ ନିଷ୍ପତି ତାଙ୍କ ସମୟରେ ହୋଇନାହିଁ। ସେ ଅଳ୍ପଦିନ ହେଲା ଏଠାକୁ ଆସିଥିବାରୁ କେବଳ ପୂର୍ବ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ନୋଟିସ କରିଛନ୍ତି। ନିଷ୍ପତି ପରିବର୍ତ୍ତନ ସମ୍ପର୍କରେ ସେ କିଛି କହିପାରିବେ ନାହିଁ। ଏ ସମ୍ପର୍କରେ ମନ୍ତ୍ରୀ କିମ୍ବା ଜିଲାପାଳଙ୍କଠାରୁ ଲେଖା ଆଣିଲେ ଯାହା ବିଚାର କରାଯିବ ବୋଲି ଅଭିଭାବକମାନଙ୍କୁ କହିଥିବା ସେ ସୂଚନା ଦେଇଛନ୍ତି।

## ନାବାଳିକା ଅପହରଣ ମାମଲା

# ଡାକ୍ତରୀମାଇନାରେ ବିଳମ୍ବକୁ ନେଇ ଉତ୍ତେଜନା

**କଳିଙ୍ଗନଗର,୨୭।୬(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯାଇଥିବାନେଇ ତାଙ୍କ ବାପା ଗତ ୧୯ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବୁଧବାର କେନ୍ଦୁଝର ଜିଲା ରାଁସୋଳ ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ନଡ଼ିଆଭଙ୍ଗା ପଞ୍ଚାୟତ ବାବାଜି ସାହି ଗ୍ରାମର ପୁଟୁ ବଦ୍ରା (୨୫)। ସେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ନେଇ ପୋଲିସ ନିକଟରେ କହିଛନ୍ତି । ଗୁରୁବାର ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମାମଲା ( ନଂ ୧୧୪/୧୯) ଦଫା ୩୬୩/ ୩୭୬ (ଏବି) ଆଇପିସି ୬ ପୋକ୍ସୋ ଆକ୍ଟରେ ଅଭିଯୁକ୍ତଙ୍କ ଡାକ୍ତର ମାଇନାକରି କୋର୍ଟ ଚାଲାଣ କରିଛି। ଅପରପକ୍ଷେ ପୀଡ଼ିତାଙ୍କୁ କୋରେଇ ଡାକ୍ତର ଖାନାରେ ଡାକ୍ତରୀ ମାଇନା ପାଇଁ ଏସ୍ଆଇ ମଧୁସ୍ମିତା ମହାନ୍ତି ନେଇଥିଲେ। ସେଠାରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ନାବାଳିକାଙ୍କୁ ବହୁ ସମୟଧରି ବାରଣ୍ଡାରେ ଠିଆ କରି ରଖିଥିଲେ। ଫଳରେ ନାବାଳିକା ଜଣଙ୍କ ସଂଜ୍ଞାହୀନ ହୋଇ ତଳେ ପଡି ଯାଇଥିଲେ। ଏହାକୁ ନେଇ ପୋଲିସ ଓ ଉକ୍ତ ଡାକ୍ତର କର୍ମଚାରୀଙ୍କ ମଧ୍ୟରେ କିଛି ସମୟଧରି ବଚସା ହୋଇଥିଲା। ଘଟଣାକୁ ନେଇ ଏସ୍ଆଇ କୋରେଇ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ସେଠାରେ ଆପୋସ ସମାଧାନ ପାଇଁ ମେଡିକାଲ କର୍ମଚାରୀ ଜଣଙ୍କ ଚେଷ୍ଟା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାପଡିଛି ।

# ବଜ୍ରପାତରେ ୨ ମଇଁଷି ସହ ଜଣେ ମୃତ

**କଳିଙ୍ଗନଗର,୨୭।୬(ଡି.ଏନ୍.ଏ.):** ଦାନଗଦୀ ବ୍ଲକ କିନ୍ଦିରିଗଡ଼ିଆ ପଞ୍ଚାୟତ ମାରୁଟିକର ଗ୍ରାମରେ ବ୍ରଜପାତରେ ଗୁରୁବାର ସନ୍ଧ୍ୟାରେ ୨ ମଇଁଷି ସହ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଅଜୟ ପ୍ରଧାନ(୪୪)। ସନ୍ଧ୍ୟାରେ ଅଚାନକ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହି ସମୟରେ ଅଜୟ ବାରିକୁ ମଇଁଷି ବାନ୍ଧିବାକୁ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ୨ ମଇଁଷି ମରିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଅଜୟଙ୍କୁ ଯାଜପୁର ରୋଡ ମେଡିକାଲରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ସ୍ନାତକୋତ୍ତର ଖୋଲିବା ପାଇଁ ମିଳିଲା ସ୍ୱୀକୃତି

**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**

**ଯାଜପୁର ରୋଡ,୨୭।୬(ନି.ପ୍ର.):** ଯାଜପୁର ରୋଡସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷଠାରୁ କଳା ଓ ବାଣିଜ୍ୟରେ ସ୍ନାତକୋତ୍ତର ଖୋଲିବାକୁ ସ୍ୱୀକୃତି ମିଳିଛି। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ସରକାରଙ୍କୁ ଆବେଦନ କରାଯାଇଥିଲା। ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ତଥା କାର୍ଯ୍ୟକାରିତାରେ ସନ୍ତୁଷ୍ଟ ହୋଇ ଏହି ଶିକ୍ଷାୟତନରେ ରାଜନୀତି ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗ ୧୬ ସିଟ୍‌ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଚଳନ ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଏହି ସରକାରୀ ଅନୁଗ୍ରହିତା ନିମନ୍ତେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବୁ ତାହେର ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ସାହୁ, ଆଞ୍ଚଳିକ ନିର୍ଦ୍ଦେଶକ ମିହିର କୁମାର ସେଠୀ, ଓ ଉଚ୍ଚଶିକ୍ଷା ସଚିବଙ୍କୁ ସାଧୁବାଦ ଜଣାଇଛନ୍ତି।










### ରଶି ଲଗାଇ ବ୍ୟବସାୟୀଙ୍କ ଆତ୍ମହତ୍ୟା

ବିଞ୍ଝାରପୁର,୨୭।୬ (ଡି.ଏନ୍.ଏ.)- ବିଞ୍ଝାରପୁର ଥାନା ଅଳକୁଣ୍ଡ ଫାଣ୍ଡି ବିତନା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଜଣେ ବ୍ୟବସାୟୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ରଞ୍ଜନ ସ୍ୱାଇଁ । ସେ ସ୍ଥାନୀୟ ଜଣେ ମହାଜନଙ୍କଠାରୁ ସୁଧରେ ଟଙ୍କା ଆଣି ବ୍ୟବସାୟ କରୁଥିଲେ। ତେବେ ଋଣ ସୁଝି ନ ପାରବାରୁ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ହେଲେ ପରିବାର ପକ୍ଷରୁ ଏବାବଦରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଏ ନେଇ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡ଼ାଇଙ୍କୁ ପଚାରିବାରୁ, ଘଟଣା ବାବଦରେ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଥିଲେ। ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ରଞ୍ଜନ ଗ୍ରାମ ନିକଟ ଦଇଖିଆ ମଠ ପାଖ ଗଛରେ ରଶି ଲଗାଇ ଦେଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁନ୍, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।
-ୱାର୍ଡ୍ସୱର୍ଥ



# ଜଙ୍ଗଲ ଜମି ସରୁଛି, ନିଯୁକ୍ତି ମିଳୁନି

ଯାଜପୁର ଅଫିସ,୨୭।୬

- ୨୨୦୦ ଏକର ଜଙ୍ଗଲ ଜମିର ହେବ କିସମ ପରିବର୍ତ୍ତନ
- ଡାଉନଷ୍ଟ୍ରିମ ଶିଳ୍ପ ପରିକଳ୍ପନା ସନ୍ଧାନହୀନ
- ପୂର୍ବରୁ ୮,୪୭୩ ଏକର ଜମି ଯୋଗାଇ ଦିଆଯାଇଛି
- ଏବେ ବି ୫୦ ହଜାର ବେକାର ଯୁବତୀଯୁବକ ନିଯୁକ୍ତି ଅପେକ୍ଷାରେ
- ଟାଟା ଷ୍ଟିଲ ସମ୍ପ୍ରସାରଣରେ ମିଳୁନି ସ୍ଥାନୀୟ ନିଯୁକ୍ତି

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡାଉନ୍ଷ୍ଟ୍ରିମ ଶିଳ୍ପ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଗତବର୍ଷ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି ପ୍ରକ୍ରିୟା ଜିଲା ପ୍ରଶାସନ ପକ୍ଷରୁ ଏକପ୍ରକାର ଆରମ୍ଭ ମଧ୍ୟ ହୋଇଛି। ପ୍ରାୟ ୪୦ଜଣ ଶିଳ୍ପ ପ୍ରତିନିଧି ଏନେଇ ଆଗେଇ ଆସିଛନ୍ତି। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆବଶ୍ୟକ ଜମି ନ ଥିବାରୁ ଡାଉନଷ୍ଟ୍ରିମ ଶିଳ୍ପ ପରିକଳ୍ପନାରେ ସୀମିତ ରହିଛି। ଏଥିପାଇଁ ଇଡ୍କୋ ୨୨୦୦ଏକର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରିବାକୁ ପ୍ରସ୍ତାବ ରଖିଛି। ତାହା ମଧ୍ୟ ବିଭିନ୍ନ କାରଣରୁ ଅଟକି ରହିଛି । ପୂର୍ବରୁ ୧୨ଟି ବୃହତ କମ୍ପାନୀକୁ ୮,୪୭୩.୫୭ ଏକର ସରକାରୀ ଓ ବେସରକାରୀ ଜମି ଯୋଗାଇ ଦିଆଯାଇଛି। ଇତିମଧ୍ୟରେ ମୈଥାନ ଓ କେଜେ ଇସ୍ପାତ କାରଖାନାରେ ତାଲା ଝୁଲିଛି। ଯାଜପୁରରୋଡ ଫେରୋକ୍ରୋମ କାରଖାନା ମଧ୍ୟ ବନ୍ଦ ରହିଛି। ଏଭଳିସ୍ଥିତିରେ ପ୍ରାୟ ୨ହଜାର କର୍ମଚାରୀ ଓ ଶ୍ରମିକଙ୍କ ଦାନାପାଣି ସଙ୍କଟରେ ଗତି କରୁଛି। ଅନ୍ୟପକ୍ଷେ ଜିଲାର ପ୍ରାୟ ୫୦ହଜାର ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡାଉନଷ୍ଟ୍ରିମ ଶିଳ୍ପ ହେଲେ କେତେକାଂଶରେ ବେକାରୀ ଯୁବତୀଯୁବକ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଛି। ହେଲେ ସରକାରୀକଳର ଆନ୍ତରିକତା ଅଭାବରୁ ଏହି ଆଶା ମଧ୍ୟ ପୁରଣ ହେବ କି ନାହିଁ ସେନେଇ ସଂଶୟ ପ୍ରକାଶ ପାଇଛି। ଟାଟା ଷ୍ଟିଲ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍‌ରୁ ୮ନିୟୁତ ମେଟ୍ରିକଟନ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିରେ ୭୦ ହଜାର କୋଟି ଟଙ୍କା ବିନିଯୋଗ କରି ୩ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି। ହେଲେ ଏଯାଏ ସ୍ଥାନୀୟ ନିଯୁକ୍ତି ସଂଖ୍ୟା ବୃଦ୍ଧି ପ୍ରତିଶ୍ରୁତିରେ ଅଟକି ରହିଛି। କଳକାରଖାନା ପ୍ରତିଷ୍ଠା ପାଇଁ ଜିଲାର କଳିଙ୍ଗନଗରରେ ଇଡ୍କୋ ଜରିଆରେ ଜଙ୍ଗଲ, ସରକାରୀ ଓ ରୟତଙ୍କ ଜମି ଅଧିଗ୍ରହଣ କରାଯାଉଛି। ଏଥିପାଇଁ ଜଙ୍ଗଲ ନଷ୍ଟ ବଦଳରେ ସେହି ଅନୁପାତରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରି ନାହିଁ। କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମକୁ ୨୦୫୨.୮୮ଏକର ସରକାରୀ ଜମି ଓ ୪୪୭.୧୨ଏକର ରୟତ, ମେସ୍କୋ କମ୍ପାନୀ ୧୦୨.୫୩ ଏକର ସରକାରୀ ଜମି ଓ ୪୨୮.୧୫ ଏକର ରୟତ ଜମି, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ କମ୍ପାନୀ ୮୨୯.୪୫ ଏକର ସରକାରୀ ଜମି ଓ ୪୧୦.୫୫ ଏକର ରୟତ ଜମି, ଭିସା ଷ୍ଟିଲ ଲିମିଟେଡ ୯୧.୩୦ ଏକର ସରକାରୀ ଜମି ଓ ୪୩୩.୭୦ ଏକର ରୟତ ଜମି, ରୋହିତ ଫେରୋ ଟେକନିକ କଚେରିଗାଁ ଓ ଚାଣ୍ଡିଆ ଗ୍ରାମରେ ୧୧୭ଏକର ଜମି ଅଧିଗ୍ରହଣ କରିଛି। କେଜେ ଇସ୍ପାତକୁ ୧୬.୯୭ ଏକର ସରକାରୀ ଓ ୩୩.୦୩ ଏକର ରୟତ ଜମି ଯୋଗାଇ ଦିଆଯାଇଛି। ମୈଥାନ ଇସ୍ପାତ ଲିମିଟେଡ ୧.୩୭ ସରକାରୀ ଓ ୧୨୩.୬୩ ଏକର ରୟତ ଜମି ଅଧିଗ୍ରହଣ କରି କମ୍ପାନୀ ଆରମ୍ଭ କରିଛି। ଯାଜଦାନୀ ପାୱାର ଆଣ୍ଡ ଷ୍ଟିଲ ୭୮.୨୧ ସରକାରୀ ଜମି ଓ ୨୧.୭୯ ବେସରକାରୀ ଜମି ଅଧିଗ୍ରହଣ କରିଛି। ବ୍ରାହ୍ମଣୀ ରିଭର୍ସ ପେଲେଟ କମ୍ପାନୀକୁ ୫୨.୨୭ ଏକର ସରକାରୀ ଓ ୩୬.୭୩ ଏକର ରୟତ ଜମି ଯୋଗାଇ ଦିଆଯାଇଛି। ଏପିଜେ ଲଜିଷ୍ଟିକ କମ୍ପାନୀକୁ ୨୬.୯୯ ଏକର ସରକାରୀ ଓ ୩.୦୧ ଏକର ରୟତ ଜମି ଯୋଗାଇ ଦିଆଯାଇଛି। ଏହି କମ୍ପାନୀ ଏବେ ନିର୍ମାଣାଧିନ ଅବସ୍ଥାରେ ରହିଛି। ନିଉଜୋନ ଟ୍ୟୁବ ଲିମିଟେଡ କମ୍ପାନୀକୁ ମଧ୍ୟ ମାଣତିରା ଗ୍ରାମରେ ୩୦ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି। ତେବେ ଟାଟା ଷ୍ଟିଲ୍ ସର୍ବାଧିକ ଜମି ଅଧିଗ୍ରହଣ କରିଛି। ଏହି କମ୍ପାନୀକୁ ୫୭୧ ଏକର ସରକାରୀ ଓ ୨୪୬୮ ଏକର ରୟତ ଜମି ଲିଜ ସୂତ୍ରରେ ଇଡକୋ ଜରିଆରେ ପ୍ରଦାନ କରାଯାଇଛି । କିନ୍ତୁ ଟାଟା ଷ୍ଟିଲ ମଧ୍ୟ ବୈଷୟିକ ଆଳରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରିଚାଲିଛି । ସମ୍ପ୍ରସାରଣ କାର୍ଯ୍ୟରେ କେତେ ସ୍ଥାନୀୟ ନିଯୁକ୍ତି ବଢିଛି ତାହା ସ୍ପଷ୍ଟ କରି ପାରିନାହିଁ। ୨୫ବର୍ଷ ତଳୁ ଆରମ୍ଭ ହୋଇଥିବା ଶିଳ୍ପାୟନରେ କିନ୍ତୁ ଯାଜପୁର ଜିଲାବାସୀ ସେତେଟା ଉପକୃତ ହୋଇ ପାରି ନାହାନ୍ତି। ଗତବର୍ଷ ପୁଣି ୨୨୦୦ ଏକର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ କରିବାକୁ ଇଡକୋ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ପାଖରେ ପ୍ରସ୍ତାବ ରଖିଛି। ଏଥିରେ ଇମାମି ସିମେଣ୍ଟ ମଧ୍ୟ ଜଙ୍ଗଲ ଜମିରେ ରେଳ ଲାଇନ ବିଛାଇବାକୁ ଯୋଜନା ରଖିଛି। ହେଲେ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ଅଟକି ରହିଛି। ଫଳରେ ସ୍ଥାନୀୟ ବେକାର ଶିକ୍ଷିତ ଯୁବତୀଯୁବକ ଦାଦନ ଖଟିଯିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଏନ୍.ସି. କଲେଜ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ
### ପାସ୍ ହାର ୮୫ ପ୍ରତିଶତ, ଦୀପ୍ତିରଞ୍ଜନ ବେଷ୍ଟ ଗ୍ରାଜୁଏଟ୍

**ଯାଜପୁର ୨୭।୬(ଡିଏନଏ):** ଯାଜପୁର ଜିଲା ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ୩ୟ ବର୍ଷର ସମସ୍ତ ବିଭାଗର ଚୁଡାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। କଲେଜରେ ଚଳିତ ବର୍ଷ ମୋଟ୍ ପାସ୍ ହାର ୮୫ ପ୍ରତିଶତ ଥିବା ବେଳେ କଳାରେ ୮୨ ପ୍ରତିଶତ,



ବିଜ୍ଞାନରେ ୯୭ ପ୍ରତିଶତ ଓ ବାଣିଜ୍ୟରେ ୭୮ ପ୍ରତିଶତ ପାସ ହାର ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ଦୀପ୍ତିରଞ୍ଜନ ସ୍ୱାଇଁ ସ୍ନାତକ ବିଷୟରେ ମୋଟ୍ ୧୪୦୦ରୁ ୧୧୭୪ ନମ୍ବର ଅର୍ଥାତ୍ ୯୧ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହେବା ସହ ବେଷ୍ଟ ଗ୍ରାଜୁଏଟ୍ ମାନ୍ୟତା ପାଇଛନ୍ତି। କଲେଜର ଅଧକ୍ଷ ପ୍ରଫେସର ଫକୀର ମୋହନ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ମହାପାତ୍ର ଓ ଆଶିଷ କୁମାର ମହାନ୍ତିଙ୍କ ତ୍ୱରିତ ଉଦ୍ୟମ ଫଳରେ ନିର୍ଭୁଲ ପରୀକ୍ଷା ଫଳ ପ୍ରକାଶ ପାଇପାରିଛି।

### ୧୯ ସରକାରୀ ହାଇସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ

**ଧର୍ମଶାଳା, ୨୭।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧୀନରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକ ମଧ୍ୟରୁ ୧୯ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଏହିପରି ସରକାରଙ୍କ ପକ୍ଷରୁ ଅପଗ୍ରେଡଡ୍ ୩ଟି ସ୍କୁଲର ପ୍ରାରମ୍ଭ ଦିନରୁ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଇ ନ ଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବ୍ଲକ ଅଞ୍ଚଳର ରେଖିଦେଇପୁର ହାଇସ୍କୁଲ, କବାଟବନ୍ଧ ହାଇସ୍କୁଲ, ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲ ଅଣ୍ଟିଆ, ବଳରାମପୁରଗଡ ହାଇସ୍କୁଲ, ଗଡ଼ମଧୁପୁର ହାଇସ୍କୁଲ, ଆରୁହା ହାଇସ୍କୁଲ, ଗୋପାଳଜୀଉ ହାଇସ୍କୁଲ ମୁରାରିପୁର, ପତିତପାବନ ହାଇସ୍କୁଲ ନାକପୋଲ, ନୀଳସୁନ୍ଦର ହାଇସ୍କୁଲ ନେଉଳପୁର, ବାଘୁଆବ୍ରାହ୍ମଣୀ ଦେବୀ ହାଇସ୍କୁଲ, ହିଙ୍ଗୁଳା ହାଇସ୍କୁଲ ଦଉଲତପୁର, ସ୍ୱପ୍ନେଶ୍ୱର ହାଇସ୍କୁଲ ବାଟିଯୋଡା, ଧର୍ମଶାଳା ବାଣୀପୀଠ, ଲାଲବାହାଦୁର ହାଇସ୍କୁଲ କାଏମା, ପଞ୍ଚାୟତ ହାଇସ୍କୁଲ ନରସିଂହପୁର, ଶ୍ୟାମସୁନ୍ଦର ହାଇସ୍କୁଲ ମିର୍ଜାପୁର ପ୍ରଭୃତି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏତଦ୍ ବ୍ୟତୀତ 'ଏ' ଗ୍ରେଡ୍ ମାନ୍ୟତା ପାଉଥିବା ଅନେକ ସ୍କୁଲରେ ପ୍ରଧାନ ଶିକ୍ଷକ ନ ଥିବା ବେଳେ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକରେ ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକ ପଦବୀର ରହି ଦାୟିତ୍ୱ ତୁଲାଉଥିବା ଜଣାପଡିଛି। ଏ ସମ୍ପର୍କରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ଧର୍ମଶାଳା ବ୍ଲକ ଅଞ୍ଚଳରେ ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରୀୟା ଚାଲିଥିବା ସେ କହିଛନ୍ତି।

### ଅବ୍ୟବସ୍ଥା ଘେରରେ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

**ଧର୍ମଶାଳା, ୨୭।୬(ଡି.ଏନ୍.ଏ.)** ଧର୍ମଶାଳା ବ୍ଲକ କଦମପାଳସ୍ଥିତ ମା' ବୁଢ଼ିଜାଗୁଳାଇ ହାଇସ୍କୁଲର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକ ସ୍କୁଲରେ ତାଲା ପକାଇଦେଇଥିଲେ। ଫଳରେ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ପୂର୍ବାହ୍ନରେ ଅଭିଭାବକ, ସ୍କୁଲ କମିଟି ଓ ଶିକ୍ଷକଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହାପରେ ତାଲା ଫିଟାଯାଇ ପାଠପଢା ସ୍ୱାଭାବିକ ହୋଇଥିଲା। ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଆବଶ୍ୟକ ବେଞ୍ଚ ଡେସ୍କ ନ ଥିବା ବେଳେ ଦୀର୍ଘଦିନ ହେବ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। କିନ୍ତୁ ଏହା ଏକ ବ୍ଲକଗ୍ରାଣ୍ଟ ସ୍କୁଲ ହୋଇଥିବାରୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଉ ନ ଥିବା ବିଇଓ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି। ତେବେ ସ୍କୁଲରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବ।

### ୧୬ ନମ୍ବର ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା

# ଅନୁମତିଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ

ଯାଜପୁର ଅଫିସ,୨୭।୬



ଏନଜିଟି ନିର୍ଦ୍ଦେଶରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ଟିମ୍।

- ଡିବିଏଲ ଉପରେ ଏନ୍‌ଜିଟି ଛାଟ
- ତଦନ୍ତ କଲେ ୫ ଜଣିଆ ସ୍ୱତନ୍ତ୍ର ଟିମ୍
- ୨ଦିନ ଧରି ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ଖନନ ସ୍ଥାନରେ ଚଢ଼ାଉ

ଯାଜପୁର ଜିଲାର ଚଣ୍ଡିଖୋଲଠାରୁ ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥର ୬ଲେନ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ମେସର୍ସ ଦିଲୀପ ବିଲଡକନ ଲିମିଟେଡ(ଡିବିଏଲ)କୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଛାଟ ପଡ଼ିଛି। ଲଘୁ ଖଣିଜ ସମ୍ପଦ ଲୁଟ ସମେତ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ ଡିବିଏଲ ଠିକାସଂସ୍ଥା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଲଘୁ ଖଣିଜ ଦ୍ରବ୍ୟ ଲୁଟ ସାଙ୍ଗକୁ ପରିବେଶ ପ୍ରଦୂଷଣ କରୁଥିବା ଅଭିଯୋଗରେ ଆଇନଜୀବୀ ଶ୍ରୀନାଥ ମିଶ୍ର ଏନ୍‌ଜିଟିରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ନିର୍ଦ୍ଦେଶରେ ଏକ ୫ଜଣିଆ ଟିମ୍ ବୁଧବାରଠାରୁ ୨ଦିନ ଧରି ଲଘୁ ଖଣିଜ ଦ୍ରବ୍ୟ ଖନନ କରାଯାଇଥିବା ସ୍ଥାନକୁ ଗସ୍ତ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ଠିକାସଂସ୍ଥା ଦ୍ୱାରା ପରିବେଶ ନିୟନ୍ତ୍ରଣ ଆଇନକୁ ବ୍ୟାପକ ଭାବେ ଉଲ୍ଲଂଘନ କରାଯାଇଥିବା ଉକ୍ତ ଟିମ୍ ସୁରାକ ପାଇଥିବା ସୂଚନା ମିଳିଛି। ଉକ୍ତ ଟିମ୍‌ରେ ସିନିୟର ସାଇଣ୍ଟିଷ୍ଟ, ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଭୁବନେଶ୍ୱର ଅଧିକାରୀ ଶୀତିକାନ୍ତ ସାହୁ, ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ପ୍ରମୁଖ ତଦନ୍ତ ଟିମରେ ସାମିଲ ହୋଇଥିଲେ। ଡିବିଏଲ ଦ୍ୱାରା କୁମାରୀ ପଞ୍ଚାୟତରୁ ବେଆଇନ ଭାବେ ମାଟି ଓ ମୋରମ, ରାହାଡପୁର ପାହାଡ଼ରୁ ମାଟି, ଆରୁହା ଓ ବାଜବାଟି ପାହାଡ଼ରୁ କଳାପଥର ଖନନ ଓ ରାସ୍ତାରେ ବ୍ୟବହୃତ ଲଘୁ ଖଣିଜ ଦ୍ରବ୍ୟର ହିସାବ ତନଖି କରିବା ସହିତ ଠିକାସଂସ୍ଥା ଦ୍ୱାରା ଦାଖଲ ହୋଇଥିବା କାଗଜପତ୍ର ଉପରେ ଟିମ୍ ସମୀକ୍ଷା କରିଥିଲେ । ତେବେ ଧର୍ମଶାଳା ତହସିଲ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଡିବିଏଲ୍‌କୁ କଳାପଥର ପାଇଁ ତହସିଲ ସୈରାତରୁ ଲିଜ୍ ଦିଆଯାଇଛି । ମାତ୍ର ଯେଉଁଠାରୁ ମାଟି ମୋରମ ତାଡିଛି ସେନେଇ କୌଣସି ଅନୁମତି ଦିଆଯାଇ ନାହିଁ । ରାହାଡ଼ପୁର ପାହାଡ଼ରୁ ମଧ୍ୟ ମାତ୍ରାଧିକ କଳାପଥର ଖନନ କରାଯାଇଛି। ସହିପରି କୁମାରୀ ପଞ୍ଚାୟତରେ ମାଟି ଓ ମୋରମ ଖନନର ତଦନ୍ତ କରିବାକୁ ଯାଇଥିବା ଟିମ୍‌କୁ ଠିକାଦାରଙ୍କ ସପକ୍ଷବାଦୀମାନେ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଏହି ଠିକାସଂସ୍ଥା ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ବେଆଇନ ଭାବେ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏପରିକି ଗତ ମାସରେ ଧର୍ମଶାଳା ତହସିଲ ପକ୍ଷରୁ ଠିକାସଂସ୍ଥାକୁ ୩୦ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏଯାବତ୍ ଠିକାସଂସ୍ଥା ଉକ୍ତ ଜରିମାନା ଦାଖଲ କରିନାହିଁ। ଠିକା ସଂସ୍ଥା ଡିବିଏଲର ପ୍ରକଳ୍ପ ମୁଖ୍ୟ କହିଛନ୍ତି ଚଣ୍ଡିଖୋଲ-ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ। ଆଇନ ଅନୁସାରେ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ ଭିତ୍ତିହୀନ ଅଟେ ବୋଲି ସେ କହିଛନ୍ତି। ଅପରପକ୍ଷରେ ତଦନ୍ତ ଚାଲିଥିବାରୁ ଅଧିକ ତଥ୍ୟ ଟିମ୍ ସଦସ୍ୟଙ୍କ ଠାରୁ ମିଳିପାରିନାହିଁ।

### କାନ୍ଥ ପଡ଼ି ମୃତାହତ ଘଟଣାର ତଦନ୍ତ ଆରମ୍ଭ

ରସୁଲପୁର,୨୭।୬(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ସୋମବାର ସକାଳେ ଘର ମରାମତି କରୁଥିବାବେଳେ କାନ୍ଥପଡ଼ି ଘର ମାଲିକ ସମେତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଶ୍ରମିକ ଆହତ ହୋଇଥିଲେ। ଉକ୍ତ ଘଟଣାକୁ ନେଇ ପ୍ରଶାସନିକସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ହଜାର ଓ ଆହତ ଶ୍ରମିକଙ୍କ ପରିବାରକୁ ୫ଜହାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ଉଭୟ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ହୋଇଥିବା ମିଳିତ ତଦନ୍ତ ରିପୋର୍ଟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପୁରୁଣା ଘରକୁ ଭାଙ୍ଗି ନୂଆ ସରକାରୀ ଘର ନିର୍ମାଣ ନିମନ୍ତେ କୁଆଖିଆ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ବନମାଳି ସାହୁ ଘରଡିହ ପରିଷ୍କାର କରୁଥିଲେ। ଏଥିପାଇଁ ସେ ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁର ଚନ୍ଦନ ଲେଙ୍କା ଓ ପଞ୍ଚୁଆ ନାଥ ନାମକ ୨ଜଣ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ। ବନମାଳି ତାଙ୍କ ପୁରୁଣା ଘର ବିପଦପୂର୍ଣ୍ଣ ନଦଉ(ମୋଟା ମାଟିକାନ୍ଥ)କୁ ବାଉଁଶ ଡୋରା ଦେଇ ଅଟକାଇ ରଖିଥିଲେ। ଘର ମାଲିକ ଓ ଶ୍ରମିକମାନେ ମିଶି କାନ୍ଥରୁ ଢେରା ହଟାଇ ଦେଇଥିଲେ। ତେବେ କିଛି ବୁଝିବା ପୂର୍ବରୁ କାନ୍ଥଟି ସେମାନଙ୍କ ଉପରେ ଶୋଇ ପଡିଥିଲା। କାନ୍ଥ କଡ଼ରେ ଥିବା ଏକ ଖାଲୁଆ ଜାଗାରେ ବନମାଳି ଓ ଶ୍ରମିକ ଚନ୍ଦନ କାନ୍ଥ ତଳେ ଚାପି ହୋଇ ରହି ଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ସ୍ଥାନୀୟ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । କାନ୍ଥର ଏକ କଡ଼କୁ ପଞ୍ଚୁଆ ଥିବାରୁ ସେ ନିଶ୍ଚିତ ମୃତ୍ୟୁରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ଖବର ଜଣାପଡ଼ିବା ପରେ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଜାଣିବା ସହ ରେଡକ୍ରସରୁ ମୃତକ ଓ ଆହତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ବେଆଇନ ମାଟି ଉଠାବେଳେ ଚଢ଼ାଉ: ଜେସିବି, ହାଇୱା ଜବତ

ଧର୍ମଶାଳା, ୨୭।୬(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ବରଡ଼ା ମୌଜାରୁ ବେଆଇନ ମାଟି ଉଠାଯାଉଥିବା ଖବର ପାଇ ଗୁରୁବାର ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଚଢାଉକରିଥିଲେ। ଏହି ସମୟରେ ଏକ ଜେସିବି ମେଶିନ ଓ ହାଇୱାକୁ ଜବତ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ଠିକା ସଂସ୍ଥାଗୁଡିକ ବେଆଇନଭାବେ ବିଭିନ୍ନ ସ୍ଥାନରୁ ମାଟି ଉଠାଇ ନେଉଥିବା ଅଭିଯୋଗ ହୋଇଥିଲା।

### କୋରେଇ ବ୍ଲକ
### ବନ୍ଦ ହେବ ୨ ବିଦ୍ୟାଳୟ

କୋରେଇ,୨୭।୬(ସ୍ୱ.ପ୍ର.)

୧୦ ଜଣରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ବନ୍ଦ କରାଯିବାକୁ ନିୟକ କରିଛି ଗଣଶିକ୍ଷା ବିଭାଗ। ଏହି ନିୟମ ଅନୁଯାୟୀ କୋଇଇ ବ୍ଲକର ୨ଟି ବିଦ୍ୟାଳୟ ବନ୍ଦ ହେବ ବୋଲି ଗୁରୁବାର ବିଇଓ ସୂଚନା ଦେଇଛନ୍ତି। କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମହୁଲିଆ ପ୍ରକଳ୍ପ ବିଦ୍ୟାଳୟରେ ୭ଜଣ ପିଲା ଓ ତୁଳତୀ ପଞ୍ଚାୟତର ଇସ୍‌ଲାମପୁର ପ୍ରକଳ୍ପ ବିଦ୍ୟାଳୟରେ ୮ଜଣ ପିଲା ପଢୁଥିବାରୁ ଏହି ୨ଟି ବିଦ୍ୟାଳୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି।

### ଟ୍ୟୁମର୍ ରୋଗରେ ଆକ୍ରାନ୍ତ ରବୀନ୍ଦ୍ର

## ଚିକିତ୍ସା ପାଇଁ ଅର୍ଥ ସାଜୁଛି ବାଧକ

ଜେନାପୁର,୨୭।୬(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର (ପଥରଡିହ) ଗ୍ରାମର ରବୀନ୍ଦ୍ର ରାଉତ (୫୦) ଦୁଇ ବର୍ଷ ହେବ ଟ୍ୟୁମର୍ ରୋଗରେ ପୀଡିତ ଅଛନ୍ତି। ହେଲେ ଚିକିତ୍ସା ପାଇଁ ପାଖରେ ଟଙ୍କା ନ ଥିବାରୁ ଘରେ ରହି ଦିନ ଗଣୁଥିବା ସେ କହିଛନ୍ତି। ଦିନ ମଜୁରିଆଭାବେ କାମକରି ଯାହା ରୋଜଗାର ହୁଏ ସେଥିରେ ସ୍ତ୍ରୀ, ୨ ପୁଅ ଓ ଝିଅଙ୍କୁ ଚଳାଇ ନେଉଥିଲେ। ଗତ ବର୍ଷ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କ ପେଟରେ ଟ୍ୟୁମର ଜନିତ କ୍ୟାନ୍‌ସର ହୋଇଥିବା କହିଥିଲେ। ଏହାପରେ କଟକ ମେଡ଼ିକାଲ ଆଚାର୍ଯ୍ୟହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନାରେ ଚିକିତ୍ସା ସହାୟତା ମିଳିଥିଲା। ସେଥିରେ ମଧ୍ୟ ତାଙ୍କ ରୋଗ ଭଲ ହୋଇପାରି ନାହିଁ। ଦିନକୁଦିନ ରୋଗ ଯନ୍ତ୍ରଣା ସାଙ୍ଗକୁ ପେଟ ମଧ୍ୟ ବଢିବାରେ ଲାଗିଛି। ଚିକିତ୍ସା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧାର କରିଥିବାବେଳେ ଝିଅ ଓ ପୁଅ ପାଠପଢାକୁ ନେଇ ସେ ଚିନ୍ତା ବ୍ୟକ୍ତ କରିଛନ୍ତି। ରବୀନ୍ଦ୍ରଙ୍କ ଏଭଳି ଅବସ୍ଥା ଜାଣିବା ପରେ ସ୍ଥାନୀୟ ଉତ୍କଳମଣି ସେବା ସଂଗଠନର କର୍ମକର୍ତ୍ତାମାନେ ତାଙ୍କୁ ଭେଟି ଆଶୁ ଆରୋଗ୍ୟ କମନା କରିବା ସହ ତୁରନ୍ତ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।



ରବୀନ୍ଦ୍ର ରାଉତଙ୍କ ସହ ତାଙ୍କ ସ୍ତ୍ରୀ।

### ସଫଳ ହେଉନି କୌଣସି ଯୋଜନା

# ୨୦୨୫ ସୁଦ୍ଧା ଶିଶୁ ଶ୍ରମିକ ମୁକ୍ତ ହେବ ଜିଲା

ଯାଜପୁର ଅଫିସ,୨୭।୬



ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ।

- ସରକାରୀ ଆନ୍ତରିକତା ଅଭାବ ମୁଖ୍ୟ କାରଣ
- ସଚେତନତା ଦ୍ୱାରା ଆସିବ ପରିବର୍ତ୍ତନ
- ଅଧାରୁ ଶିକ୍ଷା ଛାଡୁଥିବା ପିଲା ହେଉଛନ୍ତି ଶିଶୁ ଶ୍ରମିକ

୨୦୨୫ ସୁଦ୍ଧା ଯାଜପୁର ଜିଲାକୁ ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ପରିଗଣିତ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଗୁରୁବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇଛନ୍ତି। ଗତ ୨୦ବର୍ଷ ହେଲା ଶିଶୁ ଶ୍ରମିକ ବିଲୁପ୍ତ କରିବାକୁ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଶିଶୁ ଶ୍ରମିକ ଆଇନ ରାଜ୍ୟରେ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ଏହାକୁ ସ୍ପଷ୍ଟ କରୁଛି । ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଶିଶୁ ଶ୍ରମିକ ନିୟୋଜନ ବଢିବାରେ ଲାଗିଛି। ଏଠାରେ ସରକାରଙ୍କ କୌଣସି ପଦକ୍ଷେପ ସଫଳ ହୋଇ ପାରୁ ନ ଥିବାରୁ ଶିଶୁ ଶ୍ରମିକ ମୁକ୍ତ ଜିଲା ଗଠନ କରିବାକୁ ସମୟ ଗଡ଼ିଗଡ଼ି ଚାଲିଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ ଗୃହରେ ଶିଶୁ ଓ କିଶୋର ଶ୍ରମ ଆଇନ ୧୯୮୬ ସମ୍ପର୍କିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ପ୍ରଧାନ ଏଥିରେ ଅଧକ୍ଷତା କରିବା ସହ ଆଇନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସ୍କୁଲ ଶିକ୍ଷାରୁ ବଞ୍ଚିତ ଶିଶୁଟିଏ ଶିଶୁ ଶ୍ରମିକ ପାଲଟିଯାଏ। ତେଣୁ ପ୍ରତ୍ୟେକ ଶିଶୁ ପଢିବା ତାହାର ଅଧିକାର। ୨୦୦୫ ଶିଶୁ ଅଧିକାର ଆଇନ, ୨୦୧୨ ପୋକ୍‌ସୋ ଆଇନ ଓ ୨୦୦୯ ର ଶିକ୍ଷା ଅଧିକାର ଆଇନ ସେଥିପାଇଁ ପ୍ରଣୟନ କରାଯାଇଛି। ବାଲ୍ୟ ବିବାହକୁ ରୋକିବା ସହ କାମ ଉଦ୍ଦେଶ୍ୟରେ ଅନ୍ୟତ୍ର ଯାଉଥିବା ବ୍ୟକ୍ତିମାନଙ୍କ ପିଲାଙ୍କ ସୁରକ୍ଷା ଓ ଶିକ୍ଷା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଅଧକ୍ଷା ପ୍ରଧାନ ସୂଚନା ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଉଦ୍ଧାର ଶିଶୁର ଥଇଥାନ ଓ ସାମୁହିକ ସହଯୋଗ ଶିଶୁ ଶ୍ରମିକକୁ ବନ୍ଦ କରିପାରିବ ବୋଲି କହିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଅକ୍ଷୟ କୁମାର ଦାସ ବିଭିନ୍ନ ଉଦାହରଣ ମାଧ୍ୟମରେ ଶିଶୁ ମାନଙ୍କର ସ୍ଥିତି, ସେମାନଙ୍କ ଅଧିକାର, ପୋଲିସ ଓ ଅନ୍ୟାନ୍ୟ ବିଭାଗର ଶିଶୁ ଅଧିକାର ପାଇଁ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉପଖଣ୍ଡ ଶ୍ରମ ଆୟୋଗ ସୁନୀଲ କୁମାର ସାହୁ ଜିଲାରେ ଶ୍ରମ ବିଭାଗର ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦ ସଭାପତି ନରେଶଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ଏକ ନିନ୍ଦନୀୟ ପ୍ରଥା ବୋଲି କହିଥିଲେ। ଆୟୋଗର ସଦସ୍ୟ ହରିହର ନାଏକ, ସୁନନ୍ଦା କୁମାରୀ ପତି ଶିଶୁ କର୍ମଶାଳାରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କରେ ବିବିଧ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବିଷୟ ବିଷାରଦ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟର ସିନିୟର ରିଶର୍ଚ୍ଚ ଆସୋସିଏଟ୍ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆୟୋଗର ପ୍ରୋଗ୍ରାମ ମ୍ୟାନେଜର ପ୍ରିତିକାନ୍ତ ପଣ୍ଡା ପ୍ରମୁଖ ବିଭିନ୍ନ ବିଷୟ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

